ଧରିତ୍ରୀ
DHARITRI
April 20 - 26, 2025 ₹ 2/-

ଧରିତ୍ରୀ DHARITRI 51 Years

# ଛୁଟିଦିନ



# ପବିତ୍ର କିନ୍ତୁ ବିଷାକ୍ତ

ଫୁଲ! ସେ ଶୋଭାପାଏ ଈଶ୍ୱରଙ୍କ ମସ୍ତକରେ, ଅର୍ପଣ କରାଯାଏ ଚରଣରେ। ଏହା ଯେମିତି ସୁନ୍ଦର ସେମିତି ପବିତ୍ର। ହେଲେ ଏହି ସୁନ୍ଦରତମ ସୃଷ୍ଟି ବେଳେବେଳେ ଜୀବଜଗତ ପାଇଁ କ୍ଷତିକାରକ ବି ସାବ୍ୟସ୍ତ ହୋଇପାରେ। କାରଣ କିଛି ଫୁଲ ଓ ତା'ର ଫଳ, ମଞ୍ଜି, ପତ୍ର, ଚେର ଆଦିରେ ଥାଏ ବିଷାକ୍ତ ପଦାର୍ଥ...

ପ୍ରଚ୍ଛଦ ପ୍ରସଙ୍ଗ

୩



# ଉପକାରୀ ସମର୍ ଡ୍ରିଙ୍କ୍ସ

ଖରାଦିନେ ବାହାରୁ ଟିକେ ବୁଲିଆସିଲେ ଶୋଷ ମେଣ୍ଟାଇବାକୁ ଅନେକେ କୋଲ୍ଡ ଡ୍ରିଙ୍କ୍ସ ଅଥବା ସୋଡା ପିଇବାକୁ ଭଲ ପାଇଥାନ୍ତି। ହେଲେ ଏହା ଶରୀର ପାଇଁ ଆଦୌ ହିତକର ହୋଇ ନଥାଏ। ଖରାଦିନେ କେଉଁ ପାନୀୟ ପିଇଲେ ଶୋଷ ମେଣ୍ଟିବା ସହ ଶରୀରକୁ ଉତ୍ତମ ପୋଷଣ ମିଳିପାରିବ ଜାଣନ୍ତୁ ସେ ସମ୍ପର୍କରେ...



✻ **ପଇଡ଼ ପାଣି:** ଏଥିରେ ଭିଟାମିନ୍ ଓ ଖଣିଜ ପଦାର୍ଥ ଭରି ରହିଥିବାରୁ, ଏହାକୁ ପିଇଲେ ଖରାଦିନେ ଶରୀରରେ ଜଳୀୟଅଂଶ ଠିକ୍‌ଠାକ୍ ରହିବା ସହ ଥକ୍କାପଣ ଦୂର ହୋଇଥାଏ। ପେଟ ବି ଥଣ୍ଡା ରହିଥାଏ।

✻ **ଲେମ୍ବୁ ପାଣି:** ଏଥିରେ ଭିଟାମିନ୍ ସି ରହୁଥିବାରୁ ଖରାଦିନେ ଏହାକୁ ପିଇଲେ ଶରୀରକୁ ଫୁର୍ତ୍ତି ଲାଗିବା ସହ ପାଚନ କ୍ରିୟା ଭଲ ରହିଥାଏ।

✻ **ଦହି ସରବତ:** ଖରାଦିନେ ବିଭିନ୍ନ କାରଣରୁ ପେଟ ଗରମ ହୋଇଯାଏ। ଯଦି ଏ ଦିନେ ଦହି ସରବତ ପିଆଯାଏ, ତା'ହେଲେ ପେଟ ଥଣ୍ଡା ରହିବା ସହ ଶରୀରକୁ ତାଜାପଣ ଅନୁଭବ ହୋଇଥାଏ।

✻ **ଫ୍ରୁଟ୍ ଜୁସ୍:** ଖରାଦିନେ ଫ୍ରୁଟ୍ ଜୁସ୍ ପିଇବା ବି ଶରୀର ପକ୍ଷେ ଉପକାରୀ ହୋଇଥାଏ। ପ୍ରଚୁର ଗରମରେ ଦେହରୁ ଝାଳ ବୋହିବା ଯୋଗୁ ଖରାଦିନେ ଶରୀରରୁ ଜଳୀୟ ଅଂଶ କମିଯାଏ। ଯଦ୍ଵାରା ଥକ୍କାପଣ ଅନୁଭବ ହୁଏ। ସେଥିପାଇଁ ଖରାଦିନେ ମିଳୁଥିବା ବିଭିନ୍ନ ପ୍ରକାର ଫଳମୂଳ ବିଶେଷକରି ଆମ୍ବ, କମଳା, ଡାଳିମ୍ବ, ଅଙ୍ଗୁର ଜୁସ୍ ପିଇପାରିବେ। ଏପରିକି ମିକ୍ସ ଫ୍ରୁଟ୍ ଜୁସ୍ ପିଇଲେ ବି ଖରାଦିନେ ଶରୀରକୁ ଶକ୍ତି ମିଳିବା ସହ ଫୁର୍ତ୍ତି ଲାଗିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ୍ ୨୦-୨୬

**ମେଷ** – ଆଶା ପୂରଣରୁ ଆନନ୍ଦ, ବନ୍ଧୁମାନଙ୍କ ପ୍ରଶଂସା, ବୈଷୟିକ ଅଭିବୃଦ୍ଧି, ସାହାଯ୍ୟ ସହଯୋଗ ପ୍ରାପ୍ତି, ଦୂରସ୍ଥାନକୁ ଯାତ୍ରାରମ୍ଭ, ଗ୍ୟାଷ୍ଟ୍ରିକ୍ ଜନିତ ପୀଡା, ନିର୍ମାଣ କାର୍ଯ୍ୟରେ ବାଧା, ଆତ୍ମୀୟଙ୍କ ହତାଦର, ଲେଖାପଢାରେ ବାଧା, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ ॥

**ବୃଷ** – କର୍ମକ୍ଷେତ୍ରରେ ବିବାଦ, ଅପଯଶ ପାଇ ପାରନ୍ତି, ଯାତ୍ରାରେ ସତର୍କତା ବିଧେୟ, ଶୁଭଖବର ପ୍ରାପ୍ତି, ଅତିଥିସେବାର ସୁଯୋଗ, ବିବାଦୀୟ ସ୍ଥିତି ଦୂରହେବ, ଅସମ୍ପୂର୍ଣ୍ଣ କାର୍ଯ୍ୟର ପୂର୍ଣ୍ଣାଙ୍ଗତା, ଖର୍ଚ୍ଚଭାର ବୃଦ୍ଧି, ବନ୍ଧୁଙ୍କ ସହ ଆଲୋଚନା ॥

**ମିଥୁନ** – ଖୋଜୁଥିବା ଜିନିଷ ପାଇବେ, ଖର୍ଚ୍ଚ ପରିମାଣ ବୃଦ୍ଧି, ସରସତା ରହିବ ନାହିଁ, କ୍ରୀଡା କ୍ଷେତ୍ରରେ ସଫଳତା, ଏକାଧିକ କାମ ହାତକୁ ନେବେ, କଳହର ସମ୍ମୁଖୀନ ହେବେ, ଯାନବାହନରେ ତ୍ରୁଟି, କ୍ରନିକ୍ ରୋଗରେ ପୀଡା, ନୂଆ ସମ୍ପର୍କ ଯୋଡିବେ ॥

**କର୍କଟ** – ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା, ତରବରିଆ ପଦକ୍ଷେପରୁ ସମସ୍ୟା, ବନ୍ଧୁଙ୍କ ଉପରେ ସନ୍ଦେହ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା, ମାମଲାରୁ ଟେନ୍ସନ, ପ୍ରକାଶନରେ ତ୍ରୁଟି, ଯାତ୍ରା ସ୍ଥଗିତ ହେବ ॥

**ସିଂହ** – କାର୍ଯ୍ୟସାଧନରେ ବିଳମ୍ବ, ବ୍ୟସ୍ତତା ବୃଦ୍ଧି ପାଇବ, ଉପରିସ୍ଥଙ୍କ ତାଗିଦା, ସହକର୍ମୀଙ୍କ ପରାମର୍ଶ, ଆର୍ଥିକ ଉନ୍ନତିରୁ ଖୁସୀ, ବନ୍ଧୁ ମିଳନର ଯୋଜନା, ଅଶୌଚ ଖବର ପାଇବେ, ଭ୍ରାତୃ ସମ୍ପର୍କରେ ଉନ୍ନତି, ସଭାସମିତିକୁ ଆହ୍ୱାନ, ସାହିତ୍ୟକୃତିରୁ ପ୍ରଶଂସା ॥

**କନ୍ୟା** – ଆଶାବାଦୀ ହୋଇପାରନ୍ତି, ନୂତନ କାର୍ଯ୍ୟାରମ୍ଭ, ଅପ୍ରିୟଭାଷଣରୁ କଳହ, ନୂଆ ସମ୍ପର୍କ ଯୋଡିବେ, ଶତ୍ରୁତାରୁ କାର୍ଯ୍ୟହାନୀ, ପରିବହନରେ ସମସ୍ୟା, ଆଇନ ସହାୟତା ମିଳିବ, ପାରିବାରିକ ସଦ୍ ଭାବ, ସମସ୍ୟା ସମାଧାନ ॥

**ତୁଳା** – ଶାରୀରିକ ଅସୁସ୍ଥତା, ଆର୍ଥିକ ଦୂରବସ୍ଥା, ଆତ୍ମୀୟଙ୍କ ପରାମର୍ଶ, ସନ୍ତାନଙ୍କ କୃତିତ୍ୱ, ରୋଗପୀଡା କମିବ, ଧର୍ମକାର୍ଯ୍ୟ କରିବେ, ଯୋଗଶିକ୍ଷାରେ ଆଗ୍ରହ, କଳା ସାହିତ୍ୟରେ ଅଭିରୁଚି, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ ॥

**ବିଛା** – ସମସ୍ୟାର ସମାଧାନ, ଆରୋଗ୍ୟଲାଭରୁ ଆଶ୍ୱସ୍ତି, ଉଦ୍‌ବେଗ କମିଯିବ, ଭ୍ରମଣ ସୁଯୋଗ ପାଇବେ, ପରିଜନଙ୍କ ସହ ଯାତ୍ରା, ମୂଲ୍ୟବାନ୍ ଦ୍ରବ୍ୟ କିଣିବେ, ଗଠନ ମୂଳକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ଅସହଯୋଗ, ସାମୟିକ ବିବ୍ରତବୋଧ ॥

**ଧନୁ** – ପାରିବାରିକ ଶାନ୍ତି, ସ୍ଥଗିତ କାର୍ଯ୍ୟାରମ୍ଭ, ଦୃଢ ନିଷ୍ପତି ନେବେ, କରଜ କରିପାରନ୍ତି, ବନ୍ଧୁଙ୍କ ମିଥ୍ୟା ପ୍ରତିଶୃତି, ଲେଖାପଢାରେ ଅଗ୍ରଗତି, ମାଙ୍ଗଳିକ କାର୍ଯ୍ୟାଲୋଚନା, ବୈଷୟିକ କ୍ଷେତ୍ରରୁ ପ୍ରଶଂସା, ସ୍ତ୍ରୀଙ୍କ ପରାମର୍ଶ, ସୁଯୋଗର ସଦ୍‌ବ୍ୟବହାର ॥

**ମକର** – ଶୁଭଖବର ପ୍ରାପ୍ତି, ମିତ୍ରମାନଙ୍କ ସହଯୋଗ, ବସ୍ତ୍ରଭୂଷଣ ପ୍ରାପ୍ତି, ଗାମ୍ଭୀର୍ଯ୍ୟ ରକ୍ଷା କରିବେ, ସମସ୍ୟା ଅପସରିଯିବ, ସ୍ୱାସ୍ଥ୍ୟରେ ଉନ୍ନତି, ଶାରୀରିକ ଅସୁସ୍ଥତା, କଚେରୀ ମାମଲାରେ ବାଇଦା, ସାହିତ୍ୟ ସଙ୍ଗୀତରୁ ପ୍ରଶଂସା, ଆନୁଷ୍ଠାନିକ କର୍ମାରମ୍ଭ ॥

**କୁମ୍ଭ** – ଯାତ୍ରାରେ ଲକ୍ଷ୍ୟପୂରଣ, ପ୍ରଶାସନିକ ସଫଳତା, ଯାନବାହନରେ ସମସ୍ୟା, ସେବା ପ୍ରତି ମନ ବଳିବ, ସହକର୍ମୀଙ୍କ ପ୍ରତିବାଦ, ଆନନ୍ଦଦାୟକ ଭ୍ରମଣ, ଅବହେଳିତ କାର୍ଯ୍ୟ, ଉପରିସ୍ଥଙ୍କ କୈଫିୟତ ତଲବ, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି ॥

**ମୀନ** – କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ମିତ୍ରବନ୍ଧୁଙ୍କ ପରାମର୍ଶ, ଆତ୍ମୀୟଙ୍କ ବେଖାତିର, ନିଯୁକ୍ତି ଖବର ପାଇବେ, ନୂଆ ସ୍ଥାନ ବୁଲିବେ, ଗୁରୁପାକ ଭୋଜନରେ ଗ୍ୟାଷ୍ଟ୍ରିକ୍, ଗଠନମୂଳକ ପରାମର୍ଶ, ଖର୍ଚ୍ଚ ପରିମାଣ ବୃଦ୍ଧି, ବିବାଦରେ ବିଜୟ, ମନୋରଞ୍ଜନର ମଉକା ॥

## ଝାଳ ବାହାରୁଥିଲେ...

**ଖ**ରାଦିନେ ଝାଳ ବୋହିବା ସ୍ୱାଭାବିକ କଥା। ବିଶେଷଜ୍ଞଙ୍କ ମତରେ, ଶରୀରରୁ ଝାଳ ବୋହିବା ପଛରେ ଅନେକ କାରଣ ରହିଥାଏ। ପ୍ରଥମତଃ, ଯଦି କୌଣସି ବ୍ୟକ୍ତି ଅତ୍ୟଧିକ ଶାରୀରିକ ପରିଶ୍ରମ କରିଥାନ୍ତି, ତା'ହେଲେ ତାଙ୍କ ଦେହରୁ ଝାଳ ବୋହିଥାଏ। ଦ୍ୱିତିୟରେ ମୋଟାପଣର ଶିକାର ହୋଇଥିଲେ ବି ଶରୀରରୁ ଝାଳ ବୁହେ। ସେହିପରି ଅଧିକ ତେଲ, ମସଲାଯୁକ୍ତ କିମ୍ବା



ରାଗ ଖାଦ୍ୟ ଖାଇବାକୁ ଭଲ ପାଉଥିବା କିଛି ଲୋକଙ୍କଠାରେ ମଧ୍ୟ ଝାଳ ବୋହିବା ସମସ୍ୟା ଦେଖାଯାଇଥାଏ। ଏହାଛଡ଼ା ହର୍‌ମୋନ୍ ଇନ୍‌ବାଲାନ୍ସ ହେବା ବି ଝାଳ ବୋହିବାର ଆଉ ଏକ କାରଣ ହୋଇଥାଏ। ସେହିପରି ବଂଶାନୁଗତ ଭାବେ ବି ଏହି ସମସ୍ୟା ଦେଖାଯାଇଥାଏ ବୋଲି ଅନେକ ମତ ଦେଇଥାନ୍ତି। ତେବେ ଏହି ଝାଳ ବୋହିବା ଦ୍ୱାରା ବେଳେବେଳେ ଶରୀରରୁ ଦୁର୍ଗନ୍ଧ ବାହାରି ଅପ୍ରୀତିକର ପରିସ୍ଥିତି ଉପୁଜିଥାଏ। ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ କିଛିଟା ସହଜ ଉପଚାର ମଧ୍ୟ ରହିଛି। ଯେମିତିକି: ପ୍ରତିଦିନ ପରିଷ୍କାର ହୋଇ ଗାଧୋଇବା ସହ ଭଲ ବ୍ରାଣ୍ଡର ବଡି ସ୍ପ୍ରେ ବ୍ୟବହାର କରିବା, ଡାଏଟ୍‌ରେ ଅଧିକ ମାତ୍ରାରେ ସତେଜ ପନିପରିବା ଏବଂ ଫଳମୂଳ ଖାଇବା, ପାଦକୁ ପରିଷ୍କାର ରଖିବା ସହ ପ୍ରତିଦିନ ପାଦରେ ପିନ୍ଧୁଥିବା ସକ୍ସକୁ ସଫା କରିବା, ତେଲ, ମସଲାଯୁକ୍ତ ତଥା ରାଗ ଖାଦ୍ୟ ଯେତେ ସମ୍ଭବ କମ୍ ଖାଇବା, ଖରାଦିନେ ଢିଲା କଟନ୍ ପୋଷାକ ପିନ୍ଧିବା ସହ ପ୍ରଚୁର ପରିମାଣରେ ପାଣି ଓ ଫ୍ରୁଟ୍ ଜୁସ୍ ଆଦି ପିଇବା ଦରକାର।

## ପାଠକୀୟ

✻ ସଫଳତାର ଶୀର୍ଷରେ ପହଁଞ୍ଚିଥିବା କିଛି ତାରକା ଗ୍ଲାମର ଦୁନିଆର ଚାକଚକ୍ୟ, ଅୟସଭରା ଜୀବନ ଭିତରେ ବି ଭୁଲି ନାହାନ୍ତି ମଣିଷପଣିଆକୁ। ଲୋକଙ୍କ ଦୁଃଖ, କଷ୍ଟକୁ ହୃଦୟରୁ ଅନୁଭବ କରିଛନ୍ତି। ଆଗେଇ ଆସିଛନ୍ତି ସାହାଯ୍ୟ କରିବାକୁ। ଆଉ ପାଲଟିଛନ୍ତି ଲୋକଙ୍କ ପାଇଁ ଦେବଦୂତ। ଏଭଳି କିଛି ବଦାନ୍ୟ ସେଲିବ୍ରିଟିଙ୍କ ଜୀବନ କାହାଣୀକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କାହା ପାଇଁ ତାରକା, କାହା ପାଇଁ ଦେବଦୂତ' ଶୀର୍ଷକ ପାଠଟି ବେଶ୍ ମନଛୁଆଁ ହୋଇଥିଲା। **– ପ୍ରଣତୀ ସେଠି, ଭୁବନେଶ୍ୱର**

✻ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'କାହା ପାଇଁ ତାରକା, କାହା ପାଇଁ ଦେବଦୂତ' ଶୀର୍ଷକ ପାଠଟି ବେଶ୍ ହୃଦୟସ୍ପର୍ଶୀ ଥିଲା। 'ମୟୂର ପ୍ରତୀମା ଘରେ ରଖୁଥିଲେ', 'ଗୁଣକାରୀ ଡାଳିମ୍ବ ଜୁସ୍' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ରାମ୍ପର ଡ୍ରେସ୍ ଫ୍ୟାଶନ' ସମ୍ପର୍କରେ ବି ବହୁ ଉପାଦେୟ କଥା ଜାଣି ଖୁସି ଲାଗିଲା।

**– ପୁଷ୍ପେନ୍ଦୁ ସାହୁ, କେନ୍ଦ୍ରାପଡ଼ା**

✻ ବ୍ୟକ୍ତିତ୍ୱ ପୃଷ୍ଠାରୁ ଆନ୍ତର୍ଜାତିକ ପୁରସ୍କାର ପ୍ରାପ୍ତ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ଚୁନୀବାଳା ଦେବୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ତ୍ରିବେଣୀ ତୀର୍ଥ' ଶୀର୍ଷକ ଗପଟି ବି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରୁ ସେଲିବ୍ରିଟିମାନଙ୍କ ରିଲ୍ ଓ ରିୟଲ୍ ଲାଇଫ୍ ସମ୍ପର୍କରେ ମଧ୍ୟ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। **– ପଦ୍ମିନୀ ସାହୁ, ଝାରସୁଗୁଡ଼ା**

✻ ସ୍ୱାସ୍ଥ୍ୟ ଅଧିକାରୀ ଡା.ଜିତେନ କୁମାର ଜେନାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷା ଡ.ଅଞ୍ଜଳି ପାଢୀଙ୍କ ନିଜସ୍ୱ ଚେଷ୍ଟାରେ କରାଯାଇଥିବା ଏକ ପାରମ୍ପରିକ ମ୍ୟୁଜିୟମ୍ ପାଠଟି ବି ଖୁବ୍ ଶିକ୍ଷଣୀୟ ହୋଇଥିଲା। ମଡେଲ୍ ମିରର୍‌ରେ ତମନ୍ନା ବେଶ୍ ସୁନ୍ଦର ଦେଖାଯାଉଥିଲେ। **– ସୁକାନ୍ତ ପୃଷ୍ଟି, ଯାଜପୁର**

✻ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ସାଙ୍ଗଲା ସମ୍ପର୍କରେ ସହରଠୁ ଦୂର ପୃଷ୍ଠାରୁ ବହୁ ଉପାଦେୟ କଥା ଜାଣି ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଘିବ୍‌ଲି ଆର୍ଟ ପଛର କଥା' ଶୀର୍ଷକ ପାଠଟି ବି ବେଶ୍ ମଜାଦାର ଓ ତଥ୍ୟପୂର୍ଣ୍ଣ ଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଉତ୍କଳ ଦିବସ ଓ ଉତୁରା ଭାବ' ଶୀର୍ଷକ ପାଠଟି ବି ବେଶ୍ ମନଛୁଆଁ ହୋଇଥିଲା।

**– ପୁନିତ୍ ବିଶ୍ୱାଳ, ଭଦ୍ରକ**

✻ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସି' ସ' ଟେବୁଲ', 'ଗୋଡ଼ ନାହିଁ ହାତରେ ସ୍କେଟିଂ', 'ସେଲ୍ଫ କୁଲିଂ କ୍ୟାନ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

**– ଶ୍ରାବଣୀ ତ୍ରିପାଠୀ, ମୟୂରଭଞ୍ଜ**



## ବିଶେଷ ଚିଠି

କାହା ପାଇଁ ତାରକା
କାହା ପାଇଁ ଦେବଦୂତ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ।
ତା'ସାଙ୍ଗକୁ ପୁଣି ସାଥୀ
ସିନେମା ଓ ସହରଠୁ ଦୂର
ମନ କିଣି ନେଉଥିଲା ମୋର।
ସତରେ ହେ ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଭିନ୍ନ।

**–ଅସୀତ ପଟ୍ଟନାୟକ, ସାତଶଙ୍ଖ, ପୁରୀ**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା  ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପବିତ୍ର

## କିନ୍ତୁ ବିଷାକ୍ତ

ଫୁଲ ପ୍ରକୃତିର ସୁନ୍ଦରତମ ସୃଷ୍ଟି। ଏହାର ମନୋମୁଗ୍ଧକର ରୂପ ଓ ସୁବାସ ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିଥାଏ ବେଶ୍ ନିବିଡ଼ଭାବେ। ଭରିଥାଏ ସକାରାତ୍ମକତା। ପୁନଶ୍ଚ ଏହାର ମଧୁ ଆକର୍ଷିତ କରିଥାଏ ଅନେକ କୀଟପତଙ୍ଗଙ୍କୁ। ଯାହାକୁ ସନ୍ଧାନ କରି ସେମାନେ ଆସନ୍ତି ଓ ପରାଗ ସଙ୍ଗମ ଘଟାନ୍ତି। କହିବାକୁଗଲେ ଏହି ପ୍ରକ୍ରିୟା ଦ୍ୱାରା ହିଁ ଜୀବଜଗତର ସୃଷ୍ଟି ଓ ବିକାଶ ହୋଇଥାଏ। ସେଥିପାଇଁ ତ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ସମସ୍ତଙ୍କ ମନ ଭିତରେ ଫୁଲ ପ୍ରତି ଥାଏ ଏକ ସ୍ୱତନ୍ତ୍ର ଭଲ ପାଇବା ଓ ଶ୍ରଦ୍ଧା। ଏହାକୁ ପବିତ୍ର ବୋଲି ବି ମଣାଯାଏ। ସେଥିପାଇଁ ମଣିଷ ଏହାକୁ ନିଜ ଆରାଧ୍ୟ ଦେବୀ ଦେବତାଙ୍କୁ ଅର୍ପଣ କରିଥାଏ। ହେଲେ ଏହି ସ୍ୱର୍ଗୀୟ ମନମୋହକାରୀ ଫୁଲ ମଧ୍ୟରୁ କେତେକ ହୋଇଥାଏ ପ୍ରାଣଘାତକ। କାରଣ ତନ୍ମଧ୍ୟରେ ଥାଏ କିଛି ବିଷାକ୍ତତତ୍ତ୍ୱ।

**ଫୁଲ! ସେ ଶୋଭାପାଏ ଈଶ୍ୱରଙ୍କ ମସ୍ତକରେ, ଅର୍ପଣ କରାଯାଏ ଚରଣରେ। ଏହା ଯେମିତି ସୁନ୍ଦର ସେମିତି ପବିତ୍ର। ହେଲେ ଏହି ସୁନ୍ଦରତମ ସୃଷ୍ଟି ବେଳେବେଳେ ଜୀବଜଗତ ପାଇଁ କ୍ଷତିକାରକ ବି ସାବ୍ୟସ୍ତ ହୋଇପାରେ। କାରଣ କିଛି ଫୁଲ ଓ ତା'ର ଫଳ, ମଞ୍ଜି, ପତ୍ର, ଚେର ଆଦିରେ ଥାଏ ବିଷାକ୍ତ ପଦାର୍ଥ...**

**ଦୁଦୁରା ଫୁଲ:** ଏହାକୁ ଦେବଦେବ ମହାଦେବଙ୍କ ପ୍ରିୟ ଫୁଲ ଭାବେ ବିବେଚନା କରାଯାଏ। ବିଶ୍ୱାସ ରହିଛି ଯେ, ଏହି ଫୁଲ ମହାଦେବଙ୍କୁ ଅର୍ପଣ କଲେ ଶତ୍ରୁ ଦୂର ହେବା ସହ ଦୁଃଖରୁ ମୁକ୍ତି ମିଳେ, ଆତ୍ମବଳ ବୃଦ୍ଧି ଓ ମାନସିକ ଶାନ୍ତି ପ୍ରାପ୍ତ ହୁଏ। ଏହାର ବୈଜ୍ଞାନିକ ନାମ ହେଲା- ଦତୁରା ଷ୍ଟ୍ରାମୋନିୟମ୍ ଏବଂ ଏହା ସୋଲାନାସି ପରିବାରର। ବର୍ଷସାରା ଦେଖାଯାଉଥିବା ଏହି ଗଛରେ ଧଳା, ହଳଦିଆ, ଈଷତ୍ ଲାଲ ରଙ୍ଗର ଫୁଲ ଫୁଟେ। ଏହାର ଲମ୍ବ ୫ରୁ ୨୦ ସେ.ମି. ହେବାବେଳେ ଚଉଡା ୪-୧୨ ସେ.ମି.। ଏହାର ଫଳଗୁଡ଼ିକ କଣ୍ଟକିତ। ଏହା ପାକଳ ହୋଇଗଲେ ଆପେ ଫାଟି ସେଥିରୁ ମଞ୍ଜି ବିଛାଡି ହୋଇପଡେ। ଏହାର ରହିଛି ୯ଟି ପ୍ରଜାତି। ଆଉ ସେ ସବୁ ବିଷାକ୍ତ। ଏହି ଗଛର ସବୁ ଅଂଶରେ ବିପଜ୍ଜନକ ମାତ୍ରାର ଟ୍ରୋପେନ ଆଲକାଲୋଏଡ୍ସ ଯେମିତିକି ଆଟ୍ରୋପିନ୍, ହ୍ୟୋସ୍ୟାମାଇନ୍ ଓ ସ୍କୋପୋଲାମାଇନ୍ ଅଛି। ଖାସ୍‌କରି ଦୁଦୁରା ଫୁଲ, ମଞ୍ଜି ଓ କିଛି ମାତ୍ରାର ଚେରରେ ଏହି ଆଲ୍‌କାଲଏଡ ଥାଏ। ଏହି ଆଲ୍‌କାଲଏଡଗୁଡ଼ିକ ଆମଠାରେ ଶ୍ୱାସକ୍ରିୟାଜନିତ ସମସ୍ୟା, ଜ୍ୱର, ପ୍ରଳାପ, ଅପସ୍ମାର, ମାଂସପେଶୀ କଠିନତା, ସାମୟିକ ପକ୍ଷାଘାତ, ହୃଦ୍‌ସ୍ପନ୍ଦନ ଅନିୟମିତତା ଆଦିର କାରଣ ହୋଇପାରେ। ଏହାର ବିଷମାତ୍ରା ଗଛର ବୟସ, ତାହା ବଢୁଥିବା ସ୍ଥାନର ପରିବେଶ ତଥା ଜଳବାୟୁ ଏବଂ ପ୍ରଜାତି ଉପରେ ନିର୍ଭର କରେ। ବିଷାକ୍ତ ହେଲେ ହେଁ, ଆୟୁର୍ବେଦରେ ଏହାର ଔଷଧୀୟ ବ୍ୟବହାରର ସୂଚନା ରହିଛି।

**କନିଅର:** ଶ୍ରୀମଦ୍ ଭାଗବତ ପୁରାଣର ଦଶମ ସ୍କନ୍ଧରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାର ଅନେକ ବର୍ଣ୍ଣନା ରହିଛି। ତନ୍ମଧ୍ୟରୁ ଗୋଟେ ହେଉଛି- ଥରେ କୃଷ୍ଣ ଜଙ୍ଗଲରେ ସଖାମାନଙ୍କ ସହ ଖେଳିବା ସମୟରେ ହଳଦିଆ କନିଅର ଫୁଲ ତୋଳି ନିଜର ଦୁଇ କାନରେ ଖୋସିଥିଲେ। ଯାହା ପ୍ରମାଣିତ କରେ ଯେ, ଭାରତରେ ଏହ ଫୁଲଗଛ କାହିଁ କେଉଁ କାଳରୁ ଅଛି। ତେଣୁ ଏହି ଫୁଲକୁ ସୌଭାଗ୍ୟ ଓ ଆଧ୍ୟାତ୍ମିକ ମନୋଭାବ ସହିତ ଯୋଡାଯାଏ। ଆଉ ଏହାକୁ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରାଯାଏ। ମହାଦେବଙ୍କର ବି ଏହି ଫୁଲ ଭାରି ପ୍ରିୟ। ଏହାର ବୈଜ୍ଞାନିକ ନାମ ହେଲା 'ୟେଲୋ ନେରିୟମ ଓଲେଆଣ୍ଡର'। ଏହା ଆପୋସିନାସିଆ ପରିବାରର। ଏହାର ଅନେକ ପ୍ରଜାତି ରହିଛି। ଗହଳିଆ ଡାଳ ପତ୍ରଯୁକ୍ତ ଏହି ଗଛର ଉଚ୍ଚତା ୫-୧୦ ମିଟର ପର୍ଯ୍ୟନ୍ତ ହୋଇଥାଏ। ଏହାର ପତ୍ରଗୁଡ଼ିକ ସବୁଜ, ସରୁସରୁ ଏବଂ ପ୍ରାୟ ୫ ସେ.ମି. ପର୍ଯ୍ୟନ୍ତ ଲମ୍ବ। ଫୁଲଗୁଡ଼ିକ ପ୍ରାୟ ୨.୫ ସେ.ମି. ଓ କାହାଳୀ ଆକାରର ହୋଇଥାଏ। ଏହା ଭିନ୍ନ ଭିନ୍ନ ରଙ୍ଗରେ ଦେଖିବାକୁ ମିଳେ। ଯେପରିକି ହଳଦିଆ, ଧଳା, ଈଷତ୍ ଲାଲ ଆଦି। ତନ୍ମଧ୍ୟରୁ ହଳଦିଆ ରଙ୍ଗଟି ବହୁଳଭାବେ ଦେଖିବାକୁ ମିଳେ। ତେବେ ଏହାର ବର୍ତ୍ତୁଳାକାର ଫଳ ଓ ଭିତରେ ଥିବା ବଡ଼ ମଞ୍ଜି ବେଶ୍ ବିଷାକ୍ତ। ଏପରିକି ଏହାର ପତ୍ର ମଧ୍ୟ କିଛି ମାତ୍ରାରେ ବିଷାକ୍ତ। ଗାଈ, ଛେଳି, ମେଣ୍ଢା ଏହାର ପତ୍ର ଖାଆନ୍ତି ନାହିଁ। କାରଣ ଏଥିରେ ଥାଏ ଓଲେଓଣ୍ଡେରିନ, ନେରଲିନ୍ ଭଳି ହୃଦ୍‌ରୋଗକାରୀ ଗ୍ଲାଇକୋସାଇଡ୍। ଏହା ହୃତ୍‌ପିଣ୍ଡ ଓ ସ୍ନାୟୁକୁ ପ୍ରଭାବିତ କରେ। କନିଅର ବିଷାକ୍ତ ହେଲେ ହେଁ ଏହାର ଫୁଲ, ଫଳ, ପତ୍ର ଓ ଛାଲିର ଔଷଧୀୟ ବ୍ୟବହାର ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ଅଛି। ଏ ଗଛ ମୁଖ୍ୟତଃ ଏସିଆ ଏବଂ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ଦେଖାଯାଏ। ପୃଥିବୀର ଅନ୍ୟ କିଛି ସ୍ଥାନରେ ବି ଏହା ଦେଖିବାକୁ ମିଳେ।

**ଅରଖ:** ଅରଖ ଫୁଲ ବା କ୍ରାଉନ୍ ଫ୍ଲାୱାର ଶିବଙ୍କର ଭାରି ପ୍ରିୟ ବୋଲି ଶିବପୁରାଣରେ ଉଲ୍ଲେଖ ରହିଛି। ଏହି ଫୁଲର ମାଳ କରି ଲିଙ୍ଗରେ ଚଢାଯାଏ। କେତେକ ସ୍ଥାନରେ ଏହାକୁ ଶବାଧାରମାନଙ୍କରେ ଦିଆଯାଉଥିବା ବି ଦେଖିବାକୁ ମିଳେ। ମରାଠା ସଂସ୍କୃତି ପଞ୍ଚ ପଲ୍ଲବରେ ଏହି ଫୁଲ ଦେବତାମାନଙ୍କୁ ଅର୍ପଣ କରାଯାଇଥାଏ। ଅରଖ ଫୁଲର ବୈଜ୍ଞାନିକ ନାମ ହେଲା କାଲୋଟ୍ରୋପିସ୍ ଜିଗାଣ୍ଟିଆ ଓ ଏହା ଆପୋସିନାସି ପରିବାରର। ପ୍ରାୟ ୪ ମିଟର ପର୍ଯ୍ୟନ୍ତ ବଢୁଥିବା ଏହି ଗଛର ଫୁଲଗୁଡ଼ିକ ଛୋଟ ଛୋଟ କିନ୍ତୁ ସୁଗନ୍ଧବିହୀନ। ଏହାର ଯୋଡ଼ି ଯୋଡ଼ି ହୋଇ ଫଳୁଥିବା ଫଳଗୁଡ଼ିକରେ ଥାଏ ତୁଳା ଭଳି କେଶଯୁକ୍ତ ମଞ୍ଜି, ଯେଉଁଥିରୁ କ୍ଷୀର ବାହାରେ। ଏଣୁ ଏହାକୁ 'ଦୁଗ୍ଧ ଅଗଛା' ବୋଲି ମଧ୍ୟ କୁହଯାଏ। ଏହାର କ୍ଷୀର, ମଞ୍ଜି, ପତ୍ର, ଚେର ଓ ଡାଳ ସବୁ ବିଷାକ୍ତ। ତହିଁରେ ଥାଏ ହୃଦ୍‌ରୋଗକାରୀ ନାନା ପ୍ରକାର 'ଗ୍ଲାଇକୋସାଇଡ୍' ସହିତ କାଲୋଟ୍ରୋପିନ,'ୟୁଷ୍ଟାରିନ', 'କାଲାକ୍ଟିନ୍' ଆଦି ରସାୟନ, କ୍ୟାଲସିୟମ, ଅକ୍ସାଲେଟ୍ ଆଦି। ଅରଖ କ୍ଷୀର ଦେହରେ ଲାଗିଲେ କ୍ଷତ ସୃଷ୍ଟି ହୁଏ। ଏହାକୁ କିମ୍ବା ଏହାର ମଞ୍ଜି ବା ପତ୍ରକୁ ଖାଇଲେ

→





ଗଳାରେ ଜ୍ୱଳନ, ଆମାଶୟ, ତଳିପେଟରେ ଯନ୍ତ୍ରଣା, ହୃଦ୍‌ରୋଗ, ଦୃଷ୍ଟିଶକ୍ତିହୀନତା ଆଦି ଘଟେ। ଏସିଆ, ଆଫ୍ରିକା ଏବଂ ଅନ୍ୟାନ୍ୟ ବିଷୁବୀୟ ଅଞ୍ଚଳରେ ଏହା ବର୍ଷସାରା ଦେଖାଯାଏ। ଆୟୁର୍ବେଦ ଚିକିତ୍ସାଶାସ୍ତ୍ରରେ କିନ୍ତୁ ଏହାର ନାନାଦି ଔଷଧୀୟ ଗୁଣ ସମ୍ପର୍କରେ ସୂଚନା ରହିଛି।

**ଗ୍ଲୋରିଓସା ଲିଲି ବା ଅଗ୍ନିଶିଖା ଫୁଲ:** ବିଘ୍ନହର୍ତ୍ତା ଶ୍ରୀଗଣେଶଙ୍କ ପୂଜାରେ ଲାଗେ ଏହି ଫୁଲ। ନାଁ ଯେମିତି ଏହି ଫୁଲ ଦେଖିବାକୁ ବି ଠିକ୍ ସେମିତି ଲାଲ, କମଳା, ହଳଦିଆ ରଙ୍ଗର ଅଗ୍ନିଶିଖା ଉଠିଥିବା ପରି। ବିଶ୍ୱାସ ରହିଛି ଗଣେଶ ଚତୁର୍ଥୀ ଦିନ ଶ୍ରୀଗଣେଶଙ୍କୁ ଏହି ଫୁଲ ଅର୍ପଣ କଲେ ସୌଭାଗ୍ୟ ଓ ସମୃଦ୍ଧି ଆସେ। ଖାସ୍‌କରି ମହାରାଷ୍ଟ୍ରରେ ଏହି ଫୁଲ ଶ୍ରୀଗଣେଶଙ୍କୁ ଅର୍ପଣ କରାଯାଏ। ଏହା ସକାରାତ୍ମକ ଉର୍ଜା ଆଣିଥାଏ ବୋଲି ବିଶ୍ୱାସ ରହିଛି। ଏହି ଗଛର ବୈଜ୍ଞାନିକ ନାମ ହେଉଛି ଗ୍ଲୋରିଓସା ସୁପରବା ଏଲ.। ତେବେ ଏହି ଫୁଲଗଛ ବି ବିଷାକ୍ତ। ଏହାର ସବୁଭାଗ, ଏମିତିକି ଫୁଲରେ ବି ପ୍ରଚୁର ମାତ୍ରାରେ କୋଲ୍‌ଚିସାଇନ୍ ନାମକ ବିଷାକ୍ତ ଆଲକାଲଏଡ ଅଛି। ଏହାର ସ୍ୱଳ୍ପ ମାତ୍ରାର ସେବନ ବି ଝାଡା, ବାନ୍ତି, ଗଭୀର ଗଳା ସଂକ୍ରମଣ, ବଧିରା ଲାଗିବା ଭଳି ସମସ୍ୟା ବୃଦ୍ଧି କରିପାରେ। ବେଳେବେଳେ ଏହା ଗୁରୁତର ସମସ୍ୟା ବି ସୃଷ୍ଟି କରିପାରେ। ବିଷାକ୍ତ ହେଲେ ବି ଏହାକୁ ପାରମ୍ପରିକ ଔଷଧଭାବେ ବ୍ୟବହାର କରାଯାଏ। ହେଲେ ବେଶ୍ ସତର୍କତାର ସହ ବ୍ୟବହାର କରିବାକୁ ପଡ଼େ।


**କରିବର:** ଶୀଘ୍ର ବଢୁଥିବା ଏହି ଗଛ ପୃଥିବୀର ପ୍ରାୟ ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳେ। ଏହା ୭-୨୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢେ। ଏହାର ବୈଜ୍ଞାନିକ ନାମ ହେଉଛି ନେରିୟମ ଓଲେଆଣ୍ଡର। ଲାଲ, ଗୋଲାପୀ, ଧଳା ରଙ୍ଗରେ ପେଣ୍ଠା ପେଣ୍ଠା ହୋଇ ଫୁଟେ ଏହି ଫୁଲ। ଏହି ଫୁଲକୁ ଏମିତିରେ ପ୍ରାୟ ସବୁ ଦେବୀଦେବତାଙ୍କୁ ଅର୍ପଣ କରାଯାଇଥାଏ। ଖାସ୍‌କରି ଶ୍ରୀରାମ, ମା' ଦୁର୍ଗା, ମା'କାଳୀ, ମହାଦେବଙ୍କୁ ପୂଜା କଲାବେଳେ ଏହି ଫୁଲ ବ୍ୟବହାର କରାଯାଏ। ହେଲେ ଏହି ଫୁଲ ଗଛ ମଧ୍ୟ ବିଷାକ୍ତ। ଏଥିରେ ଥିବା ବିଷାକ୍ତ ତତ୍ତ୍ୱ ଭିତରେ ଅଛି ଓଲିଆଣ୍ଡ୍ରିନ ଓ ଓଲିଆଣ୍ଡିଜେନିନ। ଏହାକୁ ସେବନ କଲେ ଦୁର୍ବଳତା, ଝାଡା, ବାନ୍ତି, ମୁଣ୍ଡବ୍ୟଥା, ପେଟବ୍ୟଥା ଆଦି ହୁଏ। ଏମିତିକି ଯଦି ଅଧିକ ସେବନ କରାଯାଏ ମୃତ୍ୟୁ ବି ହୋଇପାରେ। ଏହି ଗଛକୁ ଜାଳିବା କଥା ନୁହେଁ। କାରଣ ଏଥିରୁ ନିର୍ଗତ ଧୂଆଁ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଏହାର ଡାଳକୁ ଭାଙ୍ଗିଲେ ସେଥିରୁ ବାହାରୁଥିବା ମୋଟା ଅଠାଳିଆ ରସ ଚର୍ମରେ ଲାଗିଲେ ଚର୍ମରେ ଜ୍ୱଳନ ହୁଏ। ଫଳରେ ରାସେସ୍, ରେଡନେସ୍ ହେବା ସହ କୁଣ୍ଡେଇ ହୁଏ।

**ଗଙ୍ଗଶିଉଳି :** ରାତିରେ ଫୁଟେ, ସକାଳ ହେଉ ହେଉ ଭୂମି ଉପରେ ଝଡ଼ିପଡେ। ଖୁବ୍ କମ୍ ଏହାର ଆୟୁଷ। ହେଲେ ବହୁତ ସୁନ୍ଦର। କୁହାଯାଏ ଏହି ଫୁଲଗଛକୁ ଭଗବାନ୍ ଶ୍ରୀକୃଷ୍ଣ ଧରାପୃଷ୍ଠକୁ ଆଣିଥିଲେ। ତେଣୁ ଏହାକୁ ପବିତ୍ର ଫୁଲ ଭାବେ ମଧ୍ୟ ବିବେଚନା କରାଯାଏ। ନାନାଦି ପୂଜା ଓ ପର୍ବପର୍ବାଣିରେ ଦେବୀ ଦେବତାଙ୍କୁ ଅର୍ପଣ କରିବା ଲାଗି ଏହାକୁ ମାଳାରୂପେ ବ୍ୟବହାର କରାଯାଏ। ଏହି ଫୁଲର ବୈଜ୍ଞାନିକ ନାମ ହେଲା 'ନାଇକ୍ଟାନ୍‌ଥେସ୍ ଆରବୋର୍‌ଟ୍ରିଷ୍ଟିସ୍' ଏବଂ ଏହା ଓଲେସିଆ ପରିବାରର ଅନ୍ତର୍ଭୁକ୍ତ। ଏହାକୁ ରାତିରେ ଫୁଟୁଥିବା ମଲ୍ଲୀ, ପାରିଜାତ, ହରିସିଙ୍ଗାର, ଶେଫାଳୀ ଆଦି ନାମରେ ମଧ୍ୟ ନାମିତ କରାଯାଏ। ଏହି ଗଛଟି ୧୦-୧୫ ମିଟର ପର୍ଯ୍ୟନ୍ତ ଉଚ୍ଚା ହୋଇଥାଏ। ଗୋଟିଏ ପେଣ୍ଠାରେ ୬-୭ଟି ଫୁଲ ଫୁଟୁଥିବା ଏହାର ଫୁଲଗୁଡ଼ିକ ସୁଗନ୍ଧଯୁକ୍ତ, ଆକରରେ ଛୋଟ ଛୋଟ ଓ ବାହାର ଭାଗ ଧଳା ହୋଇଥାଏ। କେନ୍ଦ୍ର ତଥା ଡେମ୍ଫ ନାରଙ୍ଗି ରଙ୍ଗର ହୋଇଥାଏ। ଏହା ବେଶ୍ ସୁଗନ୍ଧଭରା। ଆଉ ବିଷାକ୍ତ ନୁହେଁ। ଏହାର ଫଳଗୁଡ଼ିକ ଦୁଇଭାଗରେ ବିଭକ୍ତ ଏବଂ ପ୍ରତ୍ୟେକଭାଗରେ ଗୋଟିଏ କରି ମଞ୍ଜି ଥାଏ। ଗଙ୍ଗଶିଉଳିର ପତ୍ରରେ ନାନା ପ୍ରକାର ଗ୍ଲାଇକୋସାଇଡ୍, ମାନିଟଲ୍, ବିଟା-ଆମିରିନ, ବିଟା-ସିଟୋଷ୍ଟେରଲ, ବେଞ୍ଜୋଇକ ଅମ୍ଳ, କ୍ୟାରୋଟିନ୍ ଇତ୍ୟାଦି ଥାଏ। ଫଳ ଓ ମଞ୍ଜିରେ ବିବିଧ ପଲିସାକାରାଇଡ୍, ଚେରରେ ନାନା ପ୍ରକାରର ଆଲକାଲଏଡ୍, ଗ୍ଲାଇକୋସାଇଡ୍, ଟ୍ୟାନିଂ ଇତ୍ୟାଦି ଏବଂ ଛେଲିରେ ବିବିଧ ଗ୍ଲାଇକୋସାଇଡ୍, ଆଲକାଏଡ ଇତ୍ୟାଦି ଥାଏ। ଏହାର ପତ୍ରକୁ ନାନାଦି ରୋଗର ଔଷଧରୂପେ ବ୍ୟବହାର କରାଯାଏ। ହେଲେ ଅଧିକ ସେବନରେ ଫଳ ଓଲଟା ହେବାର ଆଶଙ୍କା ଥାଏ। ଅନ୍ୟପକ୍ଷେ ଏହାର ମଞ୍ଜିଗୁଡ଼ିକ ବିଷାକ୍ତ। ଏହା ବାନ୍ତି, ଆମାଶୟ, ମଧୁମେହ ଆଦିର କାରଣ ହୋଇପାରେ। ଏହି ଗଛ ଆମ ଦେଶ ସମେତ ଅନେକ ଏସୀୟ ତଥା ଆଫ୍ରିକୀୟ ଦେଶରେ ଦେଖାଯାଏ।

**ଜଡ଼ା ବା ବାଇଗବ:** ଏହାର ଫୁଲ ଆମ ଦେଶରେ ଦେବୀଦେବତା ପୂଜାରେ ବିଶେଷଭାବେ ଦିଆଯାଉ ନ ଥିଲେ ହେଁ, ତୁଳସୀ ଚଉରାମୂଳେ ଦିଆଯାଏ। ଏହାର ତେଲକୁ କିଛି ଧାର୍ମିକ ଓ ସାଂସ୍କୃତିକ ଅନୁଷ୍ଠାନରେ ବ୍ୟବହାର କରାଯାଏ। ଜାପାନ, ସିଙ୍ଗାପୁରରେ ଏହାକୁ ପର୍ବପର୍ବାଣିରେ ବ୍ୟବହାର କରାଯାଏ। ଜଡ଼ା ବା ବାଇଗବର ବୈଜ୍ଞାନିକ ନାମ ହେଉଛି 'ରିସିନସ୍ କମ୍ୟୁନିସ୍' ଏବଂ ଏହା 'ୟୁଫୋରବିଏସିଆ' ପରିବାରର ଅନ୍ତର୍ଭୁକ୍ତ। ଏହା ଏକ ଶୀଘ୍ର ବଢୁଥିବା ଗଛ। ଏହାର ଉଚ୍ଚତା ପ୍ରାୟ ୧୨ ମିଟର। ଫୁଲଗୁଡିକ ନାନା ପ୍ରକାରର ଅଛି। ହେଲେ ଏହା ପେଣ୍ଠା ପେଣ୍ଠା ହୋଇ ରହେ। ଏହାର ଫଳ କଣ୍ଟା କଣ୍ଟା। ରଙ୍ଗ ସବୁଜରୁ ଈଷତ୍ ଲାଲ ଏବଂ ତା'ମଧ୍ୟରେ ଗୋଟିଏ ମଞ୍ଜି ଥାଏ। ଏଗଛ କେତେକଙ୍କ ପାଇଁ ଆଲର୍ଜିର କାରଣ ହୋଇଥାଏ ଏବଂ ଶ୍ୱାସରୋଗ କରାଏ। ଏହାର ମଞ୍ଜିରେ ଥାଏ ରିସିନ୍ ନାମକ ରସାୟନ ଯାହାକି ବିଷାକ୍ତ। ଏଣୁ ଏହାକୁ ଖାଇଲେ ପାଟି ଓ ତଣ୍ଟିରେ ଜ୍ୱଳନ, ତଳିପେଟରେ ଯନ୍ତ୍ରଣା, ରକ୍ତ ଆମାଶୟ, ମୂତ୍ରରୋଗ, ରକ୍ତଚାପ ହ୍ରାସ, ଜଳଶୂନ୍ୟତା ଆଦି ରୋଗ ହୋଇଥାଏ। ପ୍ରାୟ ୮/୧୦ଟି ମଞ୍ଜି ଏକତ୍ର ଖାଇଲେ ୨/୩ ଘଣ୍ଟା ଭିତରେ ଏସବୁ ଲକ୍ଷଣ ପ୍ରକଟିତ ହୁଏ। ଆଉ ଚିକିତ୍ସାଳୟ ନ ଗଲେ ମୃତ୍ୟୁ ବି ହୋଇପାରେ। ହେଲେ ଏହାର ତେଲକୁ ପୀଡା କିମ୍ବା ଫୁଲିଥିବା ସ୍ଥାନରେ ଲଗାଇଲେ ଯନ୍ତ୍ରଣା ଦୂର ହୁଏ। ଏହି ବାରମାସୀ ଗଛ ବର୍ଷାଋତୁରେ ବେଶି ବଢ଼େ। ଏହା ଦକ୍ଷିଣ ପୂର୍ବ ଭୂମଧ୍ୟ ସାଗରୀୟ ଅଞ୍ଚଳ, ଏସିଆ ଓ ଆଫ୍ରିକାର ବହୁ ଅଞ୍ଚଳ ଖାସ୍‌କରି ବିଷୁବମଣ୍ଡଳୀୟ ଅଞ୍ଚଳରେ ବେଶି ଦେଖାଯାଏ। ବିଷାକ୍ତ ହେଲେ ବି ଆୟୁର୍ବେଦରେ ଏହାର ନାନାଦି ଉପଯୋଗର ସୂଚନା ରହିଛି।

ଈଶ୍ୱରଙ୍କୁ ଅର୍ପଣ କରାଯାଉଥିବାରୁ ଏସବୁ ଫୁଲକୁ ପବିତ୍ର ମଣାଯାଏ ସତ, ହେଲେ ଏଥିରେ ଥିବା ବିଷାକ୍ତ ତତ୍ତ୍ୱ ଯୋଗୁ ବେଳେବେଳେ ଏହା କ୍ଷତିକାରକ ବି ହେଇପାରେ। ସେଥିପାଇଁ ଏ ସମ୍ପର୍କରେ ଭଲଭାବେ ଅବଗତ ହେବା ନିହାତି ଜରୁରୀ। ଯଦ୍ୱାରାକି ଏହା ବିଷାକ୍ତ ହେଲେ ବି ହେବ ନାହିଁ ପ୍ରାଣ ଘାତକ।

-ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ମୋ: ୯୯୩୭୯୮୫୭୬୭









# ସମର୍ ଫ୍ୟାଶନ



**ପାଣିପାଗ ଅନୁସାରେ ଫ୍ୟାଶନରେ ବି ପରିବର୍ତ୍ତନ ଆସିଥାଏ। ଯେହେତୁ ଏବେ ଖରାଦିନ ଆରମ୍ଭ ହୋଇଗଲାଣି, ତେଣୁ ଏହି ସମୟରେ କେଉଁ କଲର୍‌ର ତଥା କେଉଁ ଟାଇପ୍‌ର ଆଉଟ୍‌ଫିଟ୍ ପିନ୍ଧିଲେ କୁଲ୍, କମ୍ଫଟେବଲ୍ ଲୁକ୍ ମିଳିବା ସହ ଝିଅମାନେ ଷ୍ଟାଇଲିଶ୍ ଦେଖାଯିବେ, ଜାଣନ୍ତୁ ସେ ସମ୍ପର୍କରେ...**



## କଲର୍ ସିଲେକ୍ସନ

✲ **ହ୍ୱାଇଟ୍ କଲର୍:** ସମର୍ ସିଜିନ୍‌ରେ ନିଜ ୱାର୍ଡରୋବ୍‌ରେ ହ୍ୱାଇଟ୍ କଲର୍‌ର କିଛିଟା ଆଉଟ୍‌ଫିଟ୍ ରଖିବା ନିହାତି ଜରୁରୀ। କାରଣ ଖରାଦିନେ ହ୍ୱାଇଟ୍ କଲର୍‌ର ଆଉଟ୍‌ଫିଟ୍ କୁଲ୍, କମ୍ଫଟେବଲ୍ ଲୁକ୍ ଦେଇଥାଏ। ଖାସ୍ କରି ସମର୍‌ରେ ହ୍ୱାଇଟ୍ କଲର୍‌ର ଶର୍ଟ ଡ୍ରେସ୍, ମ୍ୟାକ୍ସି ଡ୍ରେସ୍, ଲକ୍ଷ୍ନୌ ସୁଟ୍, ଅନାରକଲି, ଶାଢ଼ି, ପେନ୍‌ସିଲ୍ ସ୍କର୍ଟ, ଟ୍ରାଉଜର୍ ଆଦି ଟ୍ରାଏ କଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ। ଝିଅମାନେ ଚାହିଁଲେ ଏଦିନେ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ କମ୍ବିନେଶନର ଆଉଟ୍‌ଫିଟ୍ ବି ଟ୍ରାଏ କରିପାରିବେ।

✲ **ପେଷ୍ଟାଲ୍ କଲର୍ :** ସମର୍ ସିଜିନ୍‌ରେ କେବଳ ଧଳା ରଙ୍ଗ କାହିଁକି, ଗୋଲାପୀ, ହଳଦିଆ, କମଳା ତଥା ଅଲିଭ୍ ଗ୍ରୀନ୍ ଭଳି ପେଷ୍ଟାଲ୍ କଲର୍‌ର ଆଉଟ୍‌ଫିଟ୍ ପିନ୍ଧିଲେ ବି ବେଶ୍ ଆରାମ ଅନୁଭବ ହୋଇଥାଏ।

## ପ୍ରିଣ୍ଟ ସିଲେକ୍ସନ

ଖରାଦିନେ ବିଶେଷକରି ଫ୍ଲୋରାଲ୍ ପ୍ରିଣ୍ଟର ଆଉଟ୍‌ଫିଟ୍ ଟ୍ରାଏ କଲେ, ଆକର୍ଷଣୀୟ ଲୁକ୍ ମିଳିବା ସହ ନିଜକୁ ବି କୁଲ୍, କମ୍ଫଟେବଲ୍ ଲାଗିଥାଏ। ଏହାଛଡ଼ା ସମର୍‌ରେ ଚେକ୍, ଷ୍ଟ୍ରାଇପ୍, ଜ୍ୟୋମେଟ୍ରିକ୍ ପ୍ରିଣ୍ଟର ଆଉଟ୍‌ଫିଟ୍ ବି ଟ୍ରାଏ କରିପାରିବେ।

## କମ୍ଫଟେବଲ୍ ଫିଟିଂ

ସମର୍‌ରେ ଯେତେ କମ୍ଫଟେବଲ୍ ଫିଟିଂ ବାଲା ଆଉଟ୍‌ଫିଟ୍ ପିନ୍ଧିବେ ସେତେ ଭଲ। ଖାସ୍‌କରି ଏଦିନେ ଶର୍ଟ ଡ୍ରେସ୍, ମ୍ୟାକ୍ସି ଡ୍ରେସ୍, କଟନ୍ ଟି-ସାର୍ଟ, ପ୍ଲାଜୋ, ଲଙ୍ଗ୍ କୁର୍ତ୍ତି, ପ୍ଲିଟେଡ୍ ସ୍କର୍ଟ, ହ୍ୱାଇଟ୍ ଶାର୍ଟ, ଲିନେନ୍ ଜ୍ୟାକେଟ୍, ଆସିମେଟ୍ରିକ୍ ଟପ୍ସ, କଟନ୍ ଶାଢ଼ି ଆଦି ପିନ୍ଧିବା ବେଷ୍ଟ ଅପ୍ସନ ହୋଇଥାଏ।

## ହାଲ୍‌କା ଫାବ୍ରିକ୍

ଖରାଦିନେ ଝିଅମାନଙ୍କୁ କୌଣସି ଇଭିନିଂ ପାର୍ଟିକୁ ଯିବାର ଥିଲେ, ମଲ୍‌ମଲ୍ କଟନ୍ ବା ସିଫନ୍, ଜର୍ଜେଟ୍ କିମ୍ବା ର' ସିଲ୍କର ୱାନ୍ ସୋଲ୍ଡର୍ ଅଥବା ଅଫ୍ ସୋଲ୍ଡର୍ ଶର୍ଟ ଡ୍ରେସ୍ ଅବା ମ୍ୟାକ୍ସି ଡ୍ରେସ୍ ଆଦି ଟ୍ରାଏ କଲେ ସେମାନଙ୍କୁ କୁଲ୍, କମ୍ଫଟେବଲ୍ ଲାଗିବା ସହ ସ୍ମାର୍ଟ ଲୁକ୍ ମିଳିଥାଏ।

ଆଉ ଯେଉଁମାନଙ୍କର ଟିକେ ଟ୍ରାଡିସନାଲ୍ ଲୁକ୍ ପସନ୍ଦ, ସେମାନେ ଚାହିଁଲେ ଗୋଲ୍ଡେନ୍ କିମ୍ବା ସିଲ୍‌ଭର୍ କଲର୍‌ର ଅଥବା ଅଲିଭ୍ ଗ୍ରୀନ୍, ପିଙ୍କ୍, ପିଚ୍ ପରି ପେଷ୍ଟାଲ କଲର୍‌ର ଅନାରକଲି, ଲେହେଙ୍ଗା ଚୋଲି, ଗାଉନ୍ ଅବା ଶାଢ଼ି ଆଦି ମଧ୍ୟ ଟ୍ରାଏ କରିପାରିବେ।

## ଲେୟାରିଙ୍ଗ୍

ଖରାଦିନେ ଲେୟାରିଙ୍ଗ୍‌କୁ ବି ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଭାବେ ଗ୍ରହଣ କରାଯାଇପାରେ। ଏଥିପାଇଁ ରେଗୁଲାର୍ କୁର୍ତ୍ତା ହେଉ ଅଥବା ଟପ୍ସ, ଟି-ସାର୍ଟ, ଶର୍ଟ ଡ୍ରେସ୍, ଜିନ୍ସ, ପ୍ଲାଜୋ, ସ୍କର୍ଟ ଆଦି ଆଉଟ୍‌ଫିଟ୍ ସହ ଝିଅମାନେ ଚାହିଁଲେ ଷ୍ଟଲ୍, ସ୍କାର୍ଫ, କଟନ୍ ଜ୍ୟାକେଟ୍ ଆଦିକୁ ବି ଟ୍ରାଏ କରିପାରିବେ।

## ଗ୍ଲାମର୍ସ ଲୁକ୍

ଗ୍ଲାମର୍ସ ଲୁକ୍ ପସନ୍ଦ ଥିବା ଝିଅମାନେ ଚାହିଁଲେ ସମର୍‌ରେ ଶିୟର୍ ଅବା ଟ୍ରାନ୍ସପରେଣ୍ଟ ଆଉଟ୍‌ଫିଟ୍‌କୁ ବି ଟ୍ରାଏ କରିପାରିବେ। ତେବେ ଧ୍ୟାନ ଦେବେ, ସ୍ଲିମ୍, ଟ୍ରିମ୍ ଫିଗର୍‌କୁ ହିଁ ଏଭଳି ଡ୍ରେସ୍ ଭଲ ମାନିଥାଏ ନଚେତ୍ ଲୁକ୍ ବଲ୍‌କି ଲାଗେ।





# ଭାରତର ପ୍ରଥମ ମହିଳା ଡାକ୍ତର



ପେନିସିଲଭେନିୟା ମେଡିକାଲ କଲେଜରେ ଆନନ୍ଦୀଙ୍କର ନାମ ଲେଖାଇଲେ । ସ୍ୱପ୍ନ ପୂରଣ ହେବାକୁ ଯାଉଛି ଜାଣି ଖୁସିରେ ଆତ୍ମହରା ଆନନ୍ଦୀ , କିନ୍ତୁ ଦାଉ ସାଧିଲା ସ୍ୱାସ୍ଥ୍ୟ । ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ପଡିଲେ ଆନନ୍ଦୀ । କିନ୍ତୁ ରୋଗକୁ ଉପେକ୍ଷା କରି ଆକ୍ଲାନ୍ତ ପରିଶ୍ରମ କରିବାକୁ ଲାଗିଲେ ଏବଂ ୧୮୮୬ ମସିହାରେ ଭାରତର ପ୍ରଥମ ମହିଳା ଭାବରେ ଡ଼ାକ୍ତରୀ ଡିଗ୍ରୀ ହାସଲ କଲେ ଆନନ୍ଦୀ ।

ପ୍ରଦୀପ କୁମାର ରାୟ

**କେ**ଶରୀ ପତ୍ରିକାର ସମ୍ପାଦକ ବାଲ ଗଙ୍ଗାଧର ତିଳକ ଜଣେ ତରୁଣୀଙ୍କୁ ଚିଠିରେ ଲେଖିଥିଲେ – ମୁଁ ଜାଣିଛି, ନାନା ପ୍ରତିବନ୍ଧକ ସତ୍ତ୍ୱେ କିପରି ଆପଣ ବିଦେଶକୁ ଯାଇଛନ୍ତି ଏବଂ ଅଧବସାୟର ସହିତ ଜ୍ଞାନାର୍ଜନ କରୁଛନ୍ତି । ଆମ ଦେଶରେ ଆଧୁନିକ ଯୁଗର ଆପଣ ଜଣେ ମହାନ୍ ନାରୀ । ଜାଣିବାକୁ ପାଇଲି ଯେ ବିଦେଶରେ ପଢ଼ିବା ପାଇଁ ଆପଣ ଭୀଷଣ ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି । ମୁଁ ଜଣେ ପତ୍ରିକାର ସାଧାରଣ ସମ୍ପାଦକ ମାତ୍ର ତଥାପି ଆପଣଙ୍କର ଏହି ସଂଘର୍ଷ ସମୟରେ କିଞ୍ଚିତ ସାହାଯ୍ୟ କରିବା ପାଇଁ ଆପଣଙ୍କ ପାଖକୁ ଶହେ ଟଙ୍କା ପଠାଇବାକୁ ଚାହୁଁଛି ।
କିଏ ସେହି ତରୁଣୀ... ?


ସେହି ତରୁଣୀ ହେଉଛନ୍ତି **ଆନନ୍ଦୀବାଈ ଗୋପାଳ ରାଓ ଜୋଶୀ** । ଭାରତବର୍ଷର ପ୍ରଥମ ମହିଳା ଯିଏକି ଡ଼ାକ୍ତରୀ ପଢ଼ିବା ପାଇଁ ଆମେରିକା ଯାଇଥିଲେ । ତାଙ୍କୁ ସେତେବେଳେ ଅଭିନନ୍ଦନ ଜଣାଇଥିଲେ ଇଂଲଣ୍ଡର ରାଣୀ ଭିକ୍ଟୋରିଆ । ବିବାହ ପୂର୍ବରୁ ତାଙ୍କର ନାମ ଥିଲା ଯମୁନା । ମହାରାଷ୍ଟ୍ରର ଥାନେ ଜିଲ୍ଲାର କଲ୍ୟାଣ ଠାରେ ୧୮୬୫ ମସିହା ମାର୍ଚ୍ଚ ୩୧ ତାରିଖ ଦିନ ସେ ଜନ୍ମଗ୍ରହଣ କରିଥିଲେ । ମାତ୍ର ନଅ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା ତିରିଶ ବର୍ଷ ବୟସ୍କ ଡାକ ବିଭାଗର କର୍ମଚାରୀ ଗୋପାଳ ରାଓଙ୍କ ସହିତ । ଗୋପାଳ ରାଓ ତାଙ୍କର ନାମ ରଖିଥିଲେ ଆନନ୍ଦୀ ।

ବିବାହ ପୂର୍ବରୁ ଆନନ୍ଦୀ କିଛିଟା ମରାଠୀ ଲେଖାପଢ଼ା ଜାଣିଥିଲେ । ବିବାହ ପରେ ତାଙ୍କର ସ୍ୱାମୀ ଗୋପାଳ ରାଓ ତାଙ୍କୁ ସଂସ୍କୃତ ଓ ଇଂରାଜୀ ଶିଖାଇବା ଆରମ୍ଭ କଲେ । ଶୁଣାଯାଏ ଯେ ଆନନ୍ଦୀ ପାଠପଢ଼ା ଛାଡ଼ି ଘର କାମରେ ଲାଗିପଡିଲେ ସ୍ୱାମୀଙ୍କ ଠାରୁ ମାଡ଼ ବି ଖାଉଥିଲେ । ନାରୀର ସ୍ୱାଧୀନତା ବୋଲି କିଛି ନଥିବା ଏକ ସମାଜରେ ଯେତେବେଳେ ଆନନ୍ଦୀ ପାଠ ପଢୁଥିଲେ, ସାମାଜିକ ବିରୋଧ ତ ଖୁବ୍ ସ୍ୱାଭାବିକ ଥିଲା ତା ସହିତ ପାରିବାରିକ ବିରୋଧର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଥିଲା । ଫଳରେ ଜିଦ୍‌ଖୋର୍ ଗୋପାଳ ରାଓ ଆନନ୍ଦୀଙ୍କୁ ସାଙ୍ଗରେ ନେଇ ଅନ୍ୟତ୍ର ରହି ଆନନ୍ଦୀଙ୍କର ପାଠପଢ଼ା ଚାଲୁ ରଖିଥିଲେ ।

୧୪ ବର୍ଷ ବୟସରେ ମା ହେଲେ ଆନନ୍ଦୀ । କିନ୍ତୁ ଚିକିତ୍ସା ଅଭାବରୁ ନବଜାତକର ମୃତ୍ୟୁ ହେଲା । ସନ୍ତାନର ଅକାଳ ମୃତ୍ୟୁ ଫଳରେ ଆନନ୍ଦୀ



ସିଦ୍ଧାନ୍ତ ନେଲେ, ସେ ଡାକ୍ତରୀ ପଢ଼ିବେ । ସ୍ୱାମୀ ଖୁସିରେ ରାଜି ହେଲେ । ମାର୍କିନ ମିଶନାରୀ ୱାଇଣ୍ଡାରଙ୍କୁ ଚିଠି ଲେଖିଲେ ସ୍ତ୍ରୀ ଙ୍କର ପାଠ ପଢିବା ଓ ଆର୍ଥିକ ସାହାଯ୍ୟ ପାଇଁ । ଚିଠିରେ ଏକଥା ମଧ୍ୟ ଲେଖି ଜଣାଇଲେ ଯେ ସେ ମଧ୍ୟ ସ୍ତ୍ରୀ ଙ୍କ ସହିତ ଯିବାକୁ ଚାହାଁନ୍ତି । ସେହି ଚିଠି Princeton's Missionary Review ପତ୍ରିକାରେ ପ୍ରକାଶିତ ହେବା ପରେ ନିୟୁ ଜର୍ସି ର ଜଣେ ମହିଳା ସାହାଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ଚିଠି ମାଧ୍ୟମରେ ତାଙ୍କ ସହିତ ଆନନ୍ଦୀଙ୍କର ନାରୀ ସ୍ୱାଧିନତା, ବାଲ୍ୟବିବାହ ର କୁପରିଣାମ ଇତ୍ୟାଦି ବିଷୟରେ ଆଲୋଚନା ହେଉଥିଲା ।



ଏହାରି ଭିତରେ ଗୋପାଳ ରାଓଙ୍କର ଶ୍ରୀରାମପୁର କୁ ବଦଳି ହେଲା । ତାଙ୍କର ଆଉ ଆମେରିକା ଯିବା ସମ୍ଭବ ହେଲା ନାହିଁ । ଉଣେଇଶ ବର୍ଷୀୟା ଆନନ୍ଦୀ ଏକା ଜାହାଜ ଚଢ଼ି ଆମେରିକା ଯାତ୍ରା କଲେ ।

ମିସେସ୍ କାର୍ପେଣ୍ଟାର ନାମ୍ନୀ ମହିଳା ଯିଏକି ଆନନ୍ଦୀଙ୍କର ଶିକ୍ଷା ଖର୍ଚ୍ଚ ତୁଲାଇବା ଭାର ଗ୍ରହଣ କରିଥିଲେ , ସେ ଆନନ୍ଦୀ ଙ୍କୁ ରାସ୍ତାଘାଟ ଚିହ୍ନାଇବା ଠାରୁ ଆରମ୍ଭ କରି ସେହି ଦେଶର ଚାଲିଚଳନ ଶିଖାଇଲେ । ପେନିସିଲଭେନିୟା ମେଡିକାଲ କଲେଜରେ ଆନନ୍ଦୀଙ୍କର ନାମ ଲେଖାଇଲେ । ସ୍ୱପ୍ନ ପୂରଣ ହେବାକୁ ଯାଉଛି ଜାଣି ଖୁସିରେ ଆତ୍ମହରା ଆନନ୍ଦୀ , କିନ୍ତୁ ଦାଉ ସାଧିଲା ସ୍ୱାସ୍ଥ୍ୟ । ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ପଡିଲେ ଆନନ୍ଦୀ । କିନ୍ତୁ ରୋଗକୁ ଉପେକ୍ଷା କରି ଆକ୍ଲାନ୍ତ ପରିଶ୍ରମ କରିବାକୁ ଲାଗିଲେ ଏବଂ ୧୮୮୬ ମସିହାରେ ଭାରତର ପ୍ରଥମ ମହିଳା ଭାବରେ ଡ଼ାକ୍ତରୀ ଡିଗ୍ରୀ ହାସଲ କଲେ ଆନନ୍ଦୀ । ଅଭିନନ୍ଦନ ଜଣାଇଲେ ଇଂଲଣ୍ଡର ରାଣୀ ଭିକ୍ଟୋରିଆ ।

ଡାକ୍ତରୀ ଡିଗ୍ରୀ ହାସଲ କରି ସ୍ୱଦେଶ ଫେରି ଆସିବା ପରେ କୋହ୍ଲାପୁରର ଆଲବର୍ଟ ଏଡଓ୍ୱାର୍ଡ ହସ୍ପିଟାଲ ରେ ଚାକିରି ପାଇଲେ ଆନନ୍ଦୀ ବାଈ । କିନ୍ତୁ ମାତ୍ର ଏକ ବର୍ଷ ପରେ ଯକ୍ଷ୍ମାରେ ଆନନ୍ଦୀ ବାଈଙ୍କର ମୃତ୍ୟୁ ହେଲା ।

ଯଦିଓ ସ୍ୱଳ୍ପ ସମୟ ପାଇଁ ଡାକ୍ତର ଭାବରେ କାର୍ଯ୍ୟ କରିଥିଲେ କିନ୍ତୁ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜର ଅଦମ୍ୟ ଇଚ୍ଛାଶକ୍ତି, ସ୍ୱାମୀଙ୍କର ପ୍ରେରଣା ଓ ପ୍ରଚେଷ୍ଟା ତଥା ମିସେସ୍ କାର୍ପେଣ୍ଟାର୍ଙ୍କ ସହଯୋଗ ଫଳରେ ଇତିହାସ ରଚି ଯାଇଛନ୍ତି ଜଣେ ସାଧାରଣ ଭାରତୀୟ ଗୃହିଣୀ ଆନନ୍ଦୀ ବାଈ ଗୋପାଳ ରାଓ ଜୋଶୀ ଯାହା ଅକଳ୍ପନୀୟ ।

ରକ୍ଷଣଶୀଳ ଭାରତୀୟ ସମାଜରେ ନାରୀମାନଙ୍କ ପାଇଁ ଆନନ୍ଦୀ ବାଈ ପ୍ରେରଣାର ଉତ୍ସ ଭାବରେ ଚିରକାଳ ଅମର ହୋଇ ରହିଥିବେ । ଅନନ୍ୟା, ଅତୁଳନୀୟା ଆନନ୍ଦୀ ବାଈ ସମସ୍ତଙ୍କ ପାଇଁ ନିଶ୍ଚିତଭାବେ ବନ୍ଦନୀୟା ।

ମୋ:୯୪୩୭୫୩୪୭୭୩





# ତୋ ସଙ୍ଗେ ଦେଖା ହେଲେ

–ରାଜଶ୍ରୀ ରଞ୍ଜିତା ହରିଚନ୍ଦନ

ତୋ ସଙ୍ଗେ ପୁଣି ଥରେ ଦେଖାହେଲେ,
ବଦଳିଯିବ ଆକାଶର ରଙ୍ଗ
ଶରତରେ ହେବ ବର୍ଷା
କଅଁଳି ଉଠିବ ପତ୍ର
ଦୁନିଆର ପ୍ରତିଟି ଗଛରେ
ପଲ୍ଲବୀ ଉଠିବ ପ୍ରେମ,
ତୋ ଘର ଚାରିପଟେ କନିଅର
ମୋତେ ଶିଖାଇ ଦେବ ସଂଭ୍ରମ ।

ତୋ ସଙ୍ଗେ ପୁଣି ଥରେ ଦେଖାହେଲେ,
ଦୁଷ୍ଟ ଗରମରେ ବି
ମୋ ଦେହ ସାରା ଭରିଯିବ
ହେମାଳ
ଥିର ଥିର୍ କମ୍ପିବ ମୋ ଗାଲ
ମୋ ଓଠ, ତୋ ଗାଲରେ ଭରୁଥିବ ନିଆଁ
ତୋ ଚାରିପଟେ ଖୋଲି ଆସୁଥିବ
ପୁନେଇଁର ଧୂଆଁ !

*–ଅଡାଲ, ବଡାଲ, ନିରାକାରପୁର, ପୁରୀ*

# ବିଞ୍ଚଣା

–ସ୍ନିଗ୍ଧା ସାହୁ

ଟିଭି ପରଦାକୁ ଜଳଜଳ ହେଇ ଚାହିଁ ରହିଥିଲେ ସୁମିତ୍ରା...
''ସମାଚାର ପ୍ରଭାତକୁ ଆପଣ ମାନଙ୍କୁ ସ୍ୱାଗତ । ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଅବ୍ୟାହତ । ଅସହ୍ୟ ଗୁଳୁଗୁଳି, ତାପମାତ୍ରା ଆହୁରି ବଢ଼ିବାର ସମ୍ଭାବନା....''

''ଟିଭିଟା ବନ୍ଦ୍ କର ହୋ ଟୁନି ବୋଉ...'' ଚିତ୍କାର କରି କହୁଥିଲେ ପଟ୍ଟନାୟକ ବାବୁ ।
ସୁମିତ୍ରା ଧୀରେ କହିଲେ , ''କି କଥା କହୁଛ ହେ... ନ୍ୟୁଜ୍ ଟିକେ ଦେଖୁଥିଲି ।''
''ହେଃ ଟୁନି ବୋଉ.. ଗରମ ଗୁଳୁଗୁଳି ତ ଅନୁଭବ କରିବାର ଖବର...ଦେଖିଲେ କ'ଣ ତାପମାତ୍ରା କମିଯିବ ? ''ଇଲେକ୍ଟ୍ରି ବିଲ୍ ମିଟର କେତେଯେ ବଢୁଛି ଏକଥା କ'ଣ କାହାକୁ ଜଣାପଡୁଛି ? ବାପା ବୋଉଙ୍କ ରୁମ୍‌ରେ ଚବିଶ ଘଣ୍ଟା ଫ୍ୟାନ୍ ଟା ବୁଲୁଛି । ତାଙ୍କୁ ବିଞ୍ଚଣା ବ୍ୟବହାର କରିବାକୁ କୁହ ।''
କେତେ କହିବି ଏମାନଙ୍କୁ....''

ହଠାତ୍ ଫୋନ୍ ରିଙ୍ଗରେ ପ୍ରକୃତିସ୍ଥ ହେଲେ ବାବୁ ଜଣକ । କ୍ରିଂ..କ୍ରିଂ....
''ହ୍ୟାଲୋ... ହଁ ,..ମିଷ୍ଟର ପଟ୍ଟନାୟକ କହୁଛି..''
ସେପଟୁ କେହିଜଣେ...''ଆଜ୍ଞା ସାର୍, .. ବୁଲୁ ଇଲେକ୍ଟ୍ରୋନିକସ୍‌ରୁ କହୁଥିଲି...
ସାର୍ , ଆପଣ ଯୋଉ ସ୍ପ୍ଲିଟ ଏସି ବୁକ୍ କରିଥିଲେ...ପଠାଉଛି, କୋଉଠି ଲାଗିବ କହିଦେବେ'' ।
''ହଁ ହଁ ପଠାନ୍ତୁ, ବୈଠକ ଘରେ ଲାଗିବ । ପ୍ରଚଣ୍ଡ ଗରମ ଗୁଳୁଗୁଳି, ସାଙ୍ଗସାଥି ଆସିଲେ ହସ ଖୁସି ଗପ ଟିକେ କରି ହେଉନି ।''
ବୁଢ଼ା ବୁଢ଼ୀ ଦିହେଁ ବିଞ୍ଚଣା ଧରି ଦାଣ୍ଡରେ ବସି ଏସି ଆଣିଥିବା ଗାଡ଼ିକୁ ଦେଖୁଥିଲେ......

*–ସିଡିଏ, କଟକ*

*ମୋ: ୮୨୪୯୩୭୫୧୮୮*

# ପ୍ରତ୍ୟାଖ୍ୟାନ

–ବନ୍ଦନା ପଣ୍ଡା

ଆସିଛି ବସନ୍ତ ଅଚାନକ
ମୋଡ଼ ବଦଳେଇ ମୋ ଅଗଣାକୁ
ବିନା ଖବରରେ, କିଛି ବାହାନାରେ ... ।
ଜଉମୁଦ ଦେଇଥିଲି ଯାତନା ପେଡିରେ
ପଚାଶ ଫଗୁଣ କାଟିଥିଲି ଫିକା ଫିକା
ବିନା ନିଦ, ବେରଙ୍ଗୀ ସ୍ୱପ୍ନରେ ।
କିଏ ସେ ପଠାଇଲା ବାର୍ତ୍ତା
ଅବା କିଏ ଦେଇଛି ସମନ !
କାହିଁକି ସ୍ମରଣ କଲା
ଭାଙ୍ଗିବାକୁ ପଣ ଆମରଣ
କରିବାକୁ ଅଶ୍ରୁ ଆଚମନ ?
ଏବେ ବି ଶୁଭୁଛି ଅସ୍ଥିଭେଦୀ ଶବ୍ଦ ଆଉ
ଅଛି ସେଇ ନିହଣର ମୂନ
ଅସରନ୍ତି ମେଘ ଧୋଇପାରିନି
ତୀକ୍ଷ୍ଣ ଆଘାତର ରକ୍ତସ୍ନାତ ଚିହ୍ନ,
ସେସବୁକୁ ପିନ୍ଧି ପତ୍ର ଫୁଲ ଧୂଳି ଘାସ
ମୋ ବଗିଚାରେ ବାନ୍ଧିଛନ୍ତି
ପ୍ରତିଶୋଧର ବିଭତ୍ସ ତୋରଣ ।
ଶୁଣିଯାଅ ତୁମ ଆଗମନର ତୀବ୍ର ସମ୍ଭାଷଣ
ଅଜଣା ଅଚିହ୍ନା ମୋ ପାଇଁ ତୁମେ
ଅବ୍ୟକ୍ତ ଜ୍ୱଳନ ।
କୁହୁଳୁଛି ଧୂଆଁରେ ବିଶ୍ୱାସ ଶ୍ମଶାନ,
ନିଃଶବ୍ଦରେ ଝରିଯିବି ସିନା
ଭାଙ୍ଗିବିନି କେବେ ମୋର ପ୍ରଶାନ୍ତ ମଥାନ
ହଁ, ଖବର ପାଇବ....
ତୁମେ ଗଲାପରେ ଆତ୍ମଶୁଦ୍ଧି ପାଇଁ,
କେହିଜଣେ କରି ଯାଇଛି
ଦଶାହ ସ୍ନାନ ଆଉ ଗଙ୍ଗାଜଳ ପାନ ।

*–ଲୁମ୍ବିନୀ ବିହାର,*
*ଭୁବନେଶ୍ୱର*
*ମୋ: ୯୩୪୮୧୬୨୮୦୧*



# ଯଦି କାଜୋଲ ରାଜି ହୋଇଥାଆନ୍ତେ...



ସନ୍ନି

ଅନୀଲ ଶର୍ମାଙ୍କ 'ଗଦ୍ଦର : ଏକ ପ୍ରେମ କଥା' ବକ୍ସ ଅଫିସରେ ଆଶାତୀତ ବିଜନେସ୍ କରିଥିଲା । ଏହାର ସମସ୍ତ କ୍ରେଡିଟ ଯାଇଥିଲା ସନ୍ନି ଦେଓଲଙ୍କୁ । ଏଥିରେ ତାଙ୍କର ନାୟିକା ସାଜିଥିଲେ ଅମୀଷା ପଟେଲ । ଦେଶପ୍ରେମଭିତ୍ତିକ କାହାଣୀକୁ ନେଇ ଏହାକୁ ନିର୍ମାଣ କରାଯାଇଥିଲା । କେବଳ ବଳିଷ୍ଠ କାହାଣୀ ନୁହେଁ, ଚିତ୍ରଟିର ଦମଦାର ସଂଳାପ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା । ଏହାର ଗୀତଗୁଡିକ ମଧ୍ୟ ବେଶ୍ ଶ୍ରୋତାଦୃତ ହୋଇଥିଲା । ବିଶେଷଭାବରେ ସନ୍ନି ଦେଓଲଙ୍କୁ ନେଇ ଦୃଶ୍ୟାୟିତ 'ମେ ନିକ୍ଲା ଗାଡ୍ଡି ଲେ କେ'ର ଚାହିଦା ଏବେ ମଧ୍ୟ ରହିଛି । ହେଲେ ଯେତେବେଳେ ଏହି ଫିଲ୍ମର କାଷ୍ଟିଂ ଚାଲିଥିଲା ସେତେବେଳେ ଅନୀଲ ଏହି ରୋଲ୍ ପାଇଁ କାଜୋଲଙ୍କୁ ସାଇନ୍ କରିବାକୁ ମନସ୍ଥ କରିଥିଲେ । ବିଳମ୍ବ ନ କରି ତାଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଥିଲା । ହେଲେ ଏଥିରେ ଅଭିନୟ କରିବାକୁ କାଜୋଲ ମନା କରିଦେଇଥିଲେ । ଶେଷରେ ଅନୀଲ ଆଉ ଜଣେ ଅଭିନେତ୍ରୀ ଖୋଜିବାକୁ ବାହାରିଥିଲେ । ଏହି ସମୟରେ ଅମୀଷାଙ୍କ କଥା ତାଙ୍କ ମନକୁ ଆସିଲା । ବାସ୍, ତା'ପରେ ଏଭଳି ଏକ କାହାଣୀ ଶୁଣି ଅମୀଷା ମଧ୍ୟ କାଳବିଳମ୍ବ ନ କରି ହଁ ଭରିଥିଲେ । ଏ ସମ୍ପର୍କରେ ସେ କହନ୍ତି, ''ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ମୋର ହୃଦୟଙ୍ଗମ ହୋଇଥିଲା ଯେ, ଫିଲ୍ମଟି ନିଶ୍ଚୟ ସୁପରହିଟ୍ ହେବ । ଶେଷରେ ମୋର ଆକଳନ ସତରେ ପରିଣତ ହୋଇଥିଲା ।' ଏହାର ସଫଳତାକୁ ନେଇ ଦର୍ଶକଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ । ଶୁଟିଂ ସମୟରେ କେବଳ ନିର୍ଦ୍ଦେଶକ ନୁହଁନ୍ତି, ସନ୍ନିଙ୍କର କେତୋଟି ଟିପ୍ସ ମୋ ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥିଲା ।' କିନ୍ତୁ ସେତେବେଳେ ଯଦି କାଜୋଲ ରାଜି ହୋଇଥାଆନ୍ତେ ତେବେ ଏହି ଫିଲ୍ମଟିରେ ଅଭିନୟ କରିବାକୁ ଅମୀଷାଙ୍କୁ ସୁଯୋଗ ମିଳି ନ ଥାନ୍ତା । ଅମୀଷାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'କହୋ ନା ପ୍ୟାର ହେ' । ରାକେଶ ରୋଶନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାଙ୍କର ପୁଅ ହ୍ରିତିକ ବଲିଉଡ୍ ଡେବ୍ୟୁ କରିଥିଲେ । ଫିଲ୍ମଟି ମଧ୍ୟ ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହେବା ସହ ଅନେକ ପୁରସ୍କାର ପାଇବାରେ ସକ୍ଷମ ହୋଇଥିଲା । ଅମୀଷାଙ୍କ ଅଭିନୀତ ଶେଷ ସିନେମା ଥିଲା 'ତୋବା ତେରା ଜଲୱା' । ଗତ ବର୍ଷ ଜାନୁୟାରୀରେ ରିଲିଜ ହୋଇଥିବା ଏହି ଚିତ୍ରଟି ବକ୍ସ ଅଫିସରେ ଫ୍ଲପ ସାବ୍ୟସ୍ତ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ତାଙ୍କ ହାତରେ କୌଣସି ନୂଆ ଅଫର ନାହିଁ ।

# ତଥାପି ଖୁସି


ଚଙ୍କି ତନୟା ଅନନ୍ୟା ପାଣ୍ଡେଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୯ରେ । ତାଙ୍କ ଅଭିନୀତ ପ୍ରଥମ ସିନେମାର ଟାଇଟଲ ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨' । କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକ ତାଙ୍କୁ ବ୍ରେକ୍ ଦେଇଥିଲେ । ପ୍ରଥମ ଚିତ୍ର ହିଁ ତାଙ୍କ ପାଇଁ ସଫଳତାର ରାସ୍ତା ଖୋଲି ଦେଇଥିଲା । ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା । ଫିଲ୍ମଟିର ନାୟକ ସାଜିଥିଲେ ଟାଇଗର ଶ୍ରଫ ଏବଂ ନିର୍ଦ୍ଦେଶନା ଦେଇଥିଲେ ପୁନିତ ମାଲହୋତ୍ରା । କିନ୍ତୁ ଗତ ଛଅ ବର୍ଷ ଭିତରେ ସେ ମାତ୍ର କେତୋଟି ହାତ ଗଣତି ସିନେମାରେ ଅଭିନୟ କରିଛନ୍ତି । ହେଲେ ଏ ନେଇ ଟିକେ ହେଲେ ମନ ଦୁଃଖ କରୁନାହାନ୍ତି । ଏ ବିଷୟରେ ଅନନ୍ୟା କହନ୍ତି, 'ଜଣେ କଳାକାର ଜୀବନରେ ଉତ୍ଥାନ ପତନ ଲାଗି ରହିଥାଏ । ଏକଥା ସତ ଯେ ମୋର ଆକ୍ଟିଂ କ୍ୟାରିୟର ମାତ୍ର ଛଅ ବର୍ଷ ହୋଇଛି । ତେଣୁ ମୁଁ ବେଶ୍ ଧୈର୍ଯ୍ୟର ସହ ଅପେକ୍ଷା କରିଛି । ଦିନେ ନା ଦିନେ ପ୍ରଯୋଜକମାନେ ମୋ ଉପରେ ନିଶ୍ଚୟ ଆସ୍ଥା ପ୍ରକଟ କରିବେ । ଆଉ ସେ ପର୍ଯ୍ୟନ୍ତ ମୋତେ ଥଣ୍ଡା ମିଜାସରେ ଅପେକ୍ଷା କରିବାକୁ ପଡିବ । ମୁଁ କୌଣସି ସିନେମା ସାଇନ୍ କରିବା ପୂର୍ବରୁ ପାପାଙ୍କ ସହ ବିଚାର ବିମର୍ଷ କରିଥାଏ । ମୋ କ୍ୟାରିୟର କିପରି ଆଗକୁ ଆଗେଇବ ସେ ନେଇ ସେ ମୋତେ ସବୁବେଳେ ଗାଇଡ୍ କରିଥାଆନ୍ତି । '' ଏ ପର୍ଯ୍ୟନ୍ତ ଅନନ୍ୟା ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଉଛି–'ପତି ପତ୍ନୀ ଔର ୱୋ', 'ଖାଲି ପିଲି', 'ଗେହରାଇୟାଁ', 'ଲାଇଗର', 'ଡ୍ରିମ ଗର୍ଲ ୨', 'ଖୋ ଗୟେ ହମ୍ କାହାଁ' ଏବଂ 'କେଶରୀ ଚାପ୍ଟର ୨' । ତେବେ ଆଗକୁ ତାଙ୍କର କ୍ୟାରିୟର କି ମୋଡ ନେଉଛି ତାହା ଦେଖିବାକୁ ବାକି ରହିଲା ।

# କଥା ଆଠ ବର୍ଷର..



ତବୁ

ଅଭିନୟରେ ତବୁ କେତେ ପାରଙ୍ଗମ ତାହା ବର୍ଣ୍ଣନା କରିବା ଅନାବଶ୍ୟକ । ନିଜ ନିଖୁଣ ଅଭିନୟ ବଳରେ ସେ କେତୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ କରିବାରେ ବି ସକ୍ଷମ ହୋଇଛନ୍ତି । ତବୁଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର ଭାବରେ । ଫିଲ୍ମଟି ଥିଲା 'ବାଜାର(୧୯୮୨)' । ତା'ପରେ ସେ 'ପ୍ରେମ୍' ଫିଲ୍ମରେ ନାୟିକା ସାଜିଥିଲେ । ବୋନି କପୁର ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ସତୀଶ କୌଶିକ । ଏଥିରେ ତାଙ୍କର ନାୟକ ସାଜିଥିଲେ ସଞ୍ଜୟ କପୁର । ହେଲେ ଦୁର୍ଭାଗ୍ୟର କଥା ଏଇଆ ଯେ ଏହି ଫିଲ୍ମର ଶୁଟିଂ ଶେଷ ହେବାକୁ ଦୀର୍ଘ ଆଠ ବର୍ଷ ସମୟ ଲାଗିଥିଲା । ଏ ନେଇ ତବୁ କହନ୍ତି, 'ଯେତେବେଳେ ଏହି ଫିଲ୍ମଟି ସାଇନ୍ କଲି ଆଶା ରଖିଥିଲି ଏହାର ସମସ୍ତ କାମ ଶୀଘ୍ର ଶେଷ ହୋଇ ରିଲିଜ ହେବ । ହେଲେ ଏଥିପାଇଁ ମୋତେ ଦୀର୍ଘ ୮ ବର୍ଷ ଅପେକ୍ଷା କରିବାକୁ ପଡିଥିଲା । ଆଉ ସେ ସମୟରେ ମୁଁ ଏତେ ଭାଙ୍ଗି ପଡିଥିଲି ଯେ, ତାହାକୁ ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ । '' ମୀରା ନାୟାରଙ୍କ 'ଦ ନେମ୍‌ସେକ୍'ରୁ ସେ ତାଙ୍କର ହଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ।




ଅନନ୍ୟା

# ସନ୍ନିଙ୍କ ଜିନ୍ସ ଉପାଖ୍ୟାନ

ସନ୍ନି ଦେଓଲ ବଲିଉଡ୍‌ର ଜଣେ ବେଶ୍ ଲୋକପ୍ରିୟ ଅଭିନେତା । 'ବେତାବ', 'ଦାମିନୀ', 'ଘାୟଲ' ଏବଂ 'ଗଦ୍ଦର ଏକ ପ୍ରେମ କଥା' ଆଦି ସିନେମା ତାହାର ଜ୍ୱଳନ୍ତ ଉଦାହରଣ । ସେ ସବୁବେଳେ ପ୍ରାୟ ଜିନ୍ସ ପିନ୍ଧିବାକୁ ଭଲ ପାଆନ୍ତି । ଯେତେବେଳେ ସେ କଲେଜରେ ପଢୁଥିଲେ ସେତେବେଳେ ଏକ ମଜାଦାର ଘଟଣା ଘଟିଥିଲା । ସେହି ସମୟରେ ସେ ଧର୍ମେନ୍ଦ୍ରଙ୍କ ଜିନ୍ସ ପିନ୍ଧି କଲେଜ ଯାଉଥିଲେ । ଆଉ ସେଠାରେ ପହଞ୍ଚିବା ପରେ ଆରମ୍ଭ ହୋଇଯାଉଥିଲା ସାଙ୍ଗ ପିଲାମାନଙ୍କ ସହ ଖଟି । ପିନ୍ଧିଥିବା ଜିନ୍ସ ଉପରେ ସେ ଲମ୍ବା ଭାଷଣ ଦେଉଥିଲେ । ଏ ସମ୍ପର୍କରେ ସନ୍ନି କହନ୍ତି, ''ସାଙ୍ଗ ପିଲାଙ୍କ ସହ ମସ୍ତି କରିବାକୁ ମୋତେ ଭାରି ମଜା ଲାଗେ । କଲେଜରେ ପଢ଼ିବା ବେଳେ ମୁଁ ଥରେ ପାପାଙ୍କର ଜିନ୍ସ ପିନ୍ଧି ଯାଇଥିଲି । ସାଙ୍ଗମାନଙ୍କ ସହ ଭେଟ ହେବା ପରେ ମୁଁ ସେମାନଙ୍କୁ କହିଲି, ଆରେ ଦେଖ, ଏହି ଜିନ୍ସକୁ ମୋ ପାପା 'ଶୋଲେ' ଫିଲ୍ମରେ ପିନ୍ଧିଥିଲେ । ଆଉ ତା'ପରେ ଯାହା କହୁଥିଲି ତାହାକୁ ଶୁଣିବାକୁ ସାଙ୍ଗମାନେ ଆଗ୍ରହର ସହ ଅପେକ୍ଷା କରୁଥିଲେ । ଏପରି କି ଏଭଳି ଗୁଲିଖଟି ପାଇଁ କେତେକ କ୍ଲାସ ଆମେ ମିସ୍ କରିଛୁ ।'' ସନ୍ନିଙ୍କ ପ୍ରକୃତ ନାମ ଥିଲା ଅଜୟ ସିଂ ଦେଓଲ । ତାଙ୍କୁ ଘରେ ସ୍ନେହରେ 'ସନ୍ନି' ବୋଲି ଡାକୁଥିଲେ । ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କର ନାମକୁ ପରିବର୍ତ୍ତନ କରି ସନ୍ନି ଦେଓଲ କରିଦେଇଥିଲେ ।

# ଆଶାରେ ପ୍ରୀତିରାଜ



ପ୍ରୀତିରାଜ

ନୂଆ ଓଡିଆ ସିନେମା 'ଆଫା'କୁ ନେଇ ଚର୍ଚ୍ଚା । କଥା କ'ଣ କି ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ପ୍ରୀତିରାଜ ଶତପଥୀ । କେବଳ ସେତିକି ନୁହେଁ ଏହାର ଆସୋସିଏଟ ଡାଇରେକ୍ଟର ବି ସେ ଅଛନ୍ତି । ଆଉ ଏହି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ପ୍ରୀତିରାଜ । ସାଧାରଣତଃ ପିଲାମାନଙ୍କ ଆଖିରେ କିଛି ପଡିଗଲେ ମା' ତାହାର ପଣତକାନିରେ ଆଖିକୁ ଥାପି ଦିଏ, ଯାହାକୁ କୁହାଯାଏ ଆଫା । ଆଉ ସେଥିରୁ ପିଲାଟିକୁ ଏକ ସ୍ୱତନ୍ତ୍ର ଉପଶମ ମିଳେ । ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ ମାଡିଆସେ । କିନ୍ତୁ ଏଭଳି ଏକ ଘଡିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହାକୁ ଆଧାର କରି କାହାଣୀ ଗତିଶୀଳ । ଏହାର କାହାଣୀରେ ଅଙ୍ଗଦାନ ବିଷୟ ମଧ୍ୟ ସ୍ଥାନିତ ହୋଇଛି । ଓଡ଼ିଆ ସିନେମା 'ମାଇଁ ସୁଇଟ୍ ହାଉସୱାଇଫ'ର ସଫଳତା ପରେ ପ୍ରୀତିରାଜ–ନୈନା ଦାଶ ଯୋଡି ପୁଣି ଥରେ ଏହି ଫିଲ୍ମରେ ରିପିଟ୍ ହୋଇଛି । ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହନ୍ତ । ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ । ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ । ପ୍ରୀତିରାଜ ଏବଂ ନୈନାଙ୍କ ବ୍ୟତୀତ କୁନା ତ୍ରିପାଠୀ, ହର ରଥ, ଧରିତ୍ରୀ ଖଣ୍ଡୁଆଳ, ରବି ମିଶ୍ର ଏବଂ ଶିଶୁ କଳାକାର ଅନମୋଲ ପତି ।



ଅମୀଷା

# ପ୍ରସ୍ତୁତ ଅଛନ୍ତି ରାଶା



ରାଶା

ବିଗତ ଦିନର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ରବିନା ଟଣ୍ଡନଙ୍କ ଝିଅ ରାଶା ଥଡାନୀ ବଲିଉଡରେ ଏଣ୍ଟ୍ରି କରିଛନ୍ତି । ତାଙ୍କ ଅଭିନୀତ ପ୍ରଥମ ସିନେମାଟି ହେଲା 'ଆଜାଦ' । ବର୍ତ୍ତମାନ ତାଙ୍କର ବୟସ ହେଉଛି ମାତ୍ର ୧୯ । ଏଥିରେ ତାଙ୍କର ନାୟକ ସାଜିଥିଲେ ଅଜୟ ଦେବଗନଙ୍କ ଭଣଜା ଅମନ ଦେବଗନ । ପୁଣି ଏହି ଫିଲ୍ମରେ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି ଅଭିଷେକ କପୁର । କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ କରିବାରେ ସଫଳ ହୋଇନି । ନିଜର ପ୍ରଥମ ସୁଯୋଗ ବିଷୟରେ ରାଶା କହନ୍ତି, ''ମୋର ଡେବ୍ୟୁ ଫିଲ୍ମକୁ ନେଇ ମୁଁ ବହୁତ ଆଶା ରଖିଥିଲି । କିନ୍ତୁ ତାହା ସତ ହେଲା ନାହିଁ । ଫିଲ୍ମଟିକୁ ଦର୍ଶକ ପ୍ରତ୍ୟାଖାନ କଲେ । ସେମାନଙ୍କ ମତକୁ ମୁଁ ମଧ୍ୟ ସମ୍ମାନ ଦେଉଛି । ପ୍ରଥମ ସିନେମା ଫ୍ଲପ୍ ହେଲା ବୋଲି ମନ ଦୁଃଖ ହୋଇଛି–ଏକଥା ସତ, ହେଲେ ଆଗକୁ ମୋତେ ଯେଉଁ ଭୂମିକା ମିଳିବ ତାହାକୁ ଠିକ୍ ଭାବରେ ତୁଲାଇ ପାରିବି ବୋଲି ଦୃଢ଼ ବିଶ୍ୱାସ ରହିଛି । ଅଭିନୟରେ କ'ଣ ଦୋଷ ତ୍ରୁଟି ରହିଛି ତାହାକୁ ଏଣିକି ସୁଧାରିବାକୁ ଚେଷ୍ଟା କରିବି । ଏ ନେଇ ମାମା ମୋତେ ଯେଉଁ ଟିପ୍ସ ଦେଇଛନ୍ତି ତାହାକୁ ନିଶ୍ଚୟ ଅନୁସରଣ କରିବି ।'' ରାଶା ଜଣେ ଭଲ ଡ୍ୟାନ୍ସର । ତେବେ ଏଥିପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡିନାହିଁ । ସେ ଡ୍ୟାନ୍ସ ପ୍ରାକ୍ଟିସ କରିବା ସମୟରେ ତାଙ୍କର ପ୍ରତିଟି ଷ୍ଟେପ୍‌କୁ ନିରୀକ୍ଷଣ କରିଥାଆନ୍ତି ରବିନା । କେବଳ ସେତିକି ନୁହେଁ, ବିଗତ ଦିନର ସିନେମାଗୁଡିକର ଚର୍ଚ୍ଚିତ ଗୀତର ତାଳେ ତାଳେ ରାଶା ପ୍ରାକ୍ଟିସ କରିଥାଆନ୍ତି । ବିଶେଷଭାବରେ ରେଖା ନାଚିଥିବା ପ୍ରତିଟି ଗୀତକୁ ସେ ବେଶ୍ ଭଲ ଭାବରେ ଦେଖି ଅଭ୍ୟାସ କରନ୍ତି । ଅନ୍ୟପକ୍ଷରେ ନାମୀ କୋରିଓଗ୍ରାଫର ସରୋଜ ଖାଁଙ୍କ ଷ୍ଟେପ୍ ତାଙ୍କୁ ବେଶୀ ଭଲ ଲାଗେ । ତେବେ ଭବିଷ୍ୟତରେ ରାଶା ନିଜକୁ ନାୟିକା ଦୌଡରେ ସାମିଲ କରିପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା ।

## ପ୍ରଥମ ରୋଜଗାର

# ପରିବାର ଲୋକ ଓ ବନ୍ଧୁଙ୍କ ପାଇଁ ଉପହାର କିଣିଥିଲି



ଲେଖକ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ସଂଯୁକ୍ତ ସଚିବ ଭାବେ କାର୍ଯ୍ୟରତ ଓଡ଼ିଆ ଅଧିକାରୀ **ଡ. କମଳା କାନ୍ତ ତ୍ରିପାଠୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି ...

କଟକ ଜିଲା କଲ୍ୟାଣୀନଗର ଅନ୍ଦରପୁରର ଏକ ସାଧାରଣ ବ୍ୟବସାୟୀ ପରିବାରରେ ମୋ ଜନ୍ମ। ୫ ଭାଇ, ଭଉଣୀଙ୍କ ମଧ୍ୟରେ ମୁଁ ସର୍ବକନିଷ୍ଠ। ପିଲାବେଳୁ ପାଠପଢ଼ା ପ୍ରତି ମୋର ଖୁବ୍ ଆଗ୍ରହ ଥିବାର ଦେଖି ପଡ଼ିଶା ଘରେ ରହୁଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ କାର୍ଯ୍ୟାଳୟର ଜନୈକ ଅଧିକାରୀ ମୋ ମାତାପିତାଙ୍କୁ କହି ବୋର୍ଡ ସ୍କୁଲରେ ଷଷ୍ଠ ଶ୍ରେଣୀ ପାଇଁ ପ୍ରବେଶ ପରୀକ୍ଷା ଦେବାକୁ କହିଥିଲେ ; ଯେଉଁଥିରେ ମୁଁ କୃତକାର୍ଯ୍ୟ ହୋଇଥିଲି। ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ସେତେବେଳର ସୁନାମଧନ୍ୟ ବିଦ୍ୟାଳୟ ; କିନ୍ତୁ ଆମ ଘରଠାରୁ ବହୁତ ଦୂରରେ। ତଥାପି ମୋର ପଢ଼ା ପ୍ରତି ଥିବା ଆଗ୍ରହ ଆଗରେ କୌଣସି ପ୍ରତିବନ୍ଧକ ସମସ୍ୟା ହୋଇ ନ ଥିଲା। ଦଶମ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ମୁଁ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲି। ୧୯୯୩ରେ ସ୍ନାତକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପଞ୍ଚମ ଏବଂ ୧୯୯୫ରେ ସ୍ନାତକୋତ୍ତର ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ ୧୯୯୬ରେ ୟୁଜିସି ନେଟ୍ ପରୀକ୍ଷାରେ ସଫଳ ହେଲି। ୧୯୯୯ ପର୍ଯ୍ୟନ୍ତ ବହୁ ପରୀକ୍ଷାର ସମ୍ମୁଖୀନ ହୋଇଛି ମୁଁ। ୧୯୯୭ ମସିହା ପାଇଁ କରାଯାଇଥିବା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩ୟ ସ୍ଥାନ ଅଧିକାର କରି ୧୯୯୯ ମାର୍ଚ୍ଚରେ ପ୍ରଶାସନିକ ପ୍ରଶିକ୍ଷଣ ଅଧିକାରୀ (ଅଫିସର୍ ଟ୍ରେନି) ହୋଇ କେନ୍ଦ୍ରାପଡ଼ା କଲେକ୍ଟୋରେଟ୍‌ରେ ଯୋଗଦେଇ ସରକାରୀ କାର୍ଯ୍ୟାରମ୍ଭ କଲି ଏବଂ ପ୍ରୋବେଶନାରୀ ପ୍ରଶିକ୍ଷଣ ପାଇଁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଯୋଗଦେଲି। ଚାକିରି ଜୀବନର ପ୍ରଥମ ଦରମା ଥିଲା ୬୪୦୦ ଟଙ୍କା। ହାତରେ ପ୍ରଥମ ଦରମା ଧରିବା ପରେ ମୋ ଖୁସିର ତ ସୀମା ନ ଥିଲା। ହେଲେ ମୁଁ ଭାବୁଥିଲି କେମିତି ଅଭାବ ପରିସ୍ଥିତିରେ ମୋ ପରିବାର ଓ ପରମ ବନ୍ଧୁ ମୋ ସହିତ ରହିଥିଲେ। ମୋର ଭବିଷ୍ୟତକୁ ସୁନ୍ଦର କରିବା ପାଇଁ ମୋର ଜ୍ୟେଷ୍ଠଭ୍ରାତା ସୁବାସ ତ୍ରିପାଠୀ ଏବଂ ତାଙ୍କ ପତ୍ନୀ ମୋ ଭାଉଜଙ୍କର ଆର୍ଥିକ ସାହାଯ୍ୟ, ଦିବଂଗତ ମାତାପିତା ଓ ଏକ ବଡ଼ ଭଉଣୀ ତନୁଜାଙ୍କର ଏବଂ ଅନ୍ୟ ଏକ ଜ୍ୟେଷ୍ଠ ଭ୍ରାତା ଉଦୟନାଥ ଓ ସବୁଠୁ ବଡ଼ ଭଉଣୀ ପୁଷ୍ପଲତାଙ୍କର ଆଶୀର୍ବାଦ ସବୁବେଳେ ମୋ ସହିତ ରହିଛି। ମୋର ପରମମିତ୍ର ପ୍ରିୟ ପଟ୍ଟାୟତର ଅହରହ ପ୍ରେରଣା ମୋତେ ଲକ୍ଷ୍ୟପଥରେ ଯିବାକୁ ଶକ୍ତି ପ୍ରଦାନ କରିଛି। ସେ ମୋତେ ଆବଶ୍ୟକ ପାଠପଢ଼ା ସାମଗ୍ରୀ ଯୋଗାଇ ଦେଉଥିଲା। ସେଥିପାଇଁ ମୁଁ ତା'ପାଖରେ ସର୍ବଦା କୃତଜ୍ଞ ରହିବି। ତେଣୁ ସ୍ଥିର କଲି ଯେ, ପରିବାରର ସମସ୍ତ ସଦସ୍ୟ ଓ ପ୍ରିୟ ପାଇଁ ଉପହାର ନେବା ସହ ଅଭାବଗ୍ରସ୍ତ ସହପାଠୀ ମିତ୍ରମାନଙ୍କ ଲାଗି ଦରକାରୀ ପାଠ୍ୟପୁସ୍ତକ କିଣିବି। କିଣିଲି ମଧ୍ୟ। ସମସ୍ତେ ସମସ୍ତଙ୍କ ଉପହାର ପାଇ ଖୁବ୍ ଖୁସି ହେଲେ। ଓଡ଼ିଶା ପ୍ରଶାସନିକ ସେବାରେ କିଛିଦିନ କାର୍ଯ୍ୟରତ ରହିବା ପରେ ୧୯୯୯ରେ ଭାରତୀୟ ଅର୍ଥ ସେବାରେ ୩ୟ ସ୍ଥାନ ରଖି କୃତକାର୍ଯ୍ୟ ହେଲି। ୨୬ ବର୍ଷର ପ୍ରଶାସନିକ ସେବାରେ ମୁଁ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଯୋଜନା ବିଭାଗ, କୃଷି, ପଶୁପାଳନ, ଖାଦ୍ୟ ପ୍ରସଂସ୍କରଣ, ସମବାୟ, ସ୍ୱାସ୍ଥ୍ୟ ଆଦି ମନ୍ତ୍ରଣାଳୟ ଏବଂ ବିଭାଗରେ କାର୍ଯ୍ୟ କରିପାରିଛି। ସହକାରିତା ମନ୍ତ୍ରଣାଳୟରେ ଗୃହ ଏବଂ ସହକାରିତା ମନ୍ତ୍ରୀ ଅମିତ୍ ଶାହାଙ୍କ ବିଶେଷ କାର୍ଯ୍ୟକାରୀ ଅଧିକାରୀ (ଓଏସ୍‌ଡି) ରୂପେ ୨ ବର୍ଷରୁ ଅଧିକ କାର୍ଯ୍ୟ କରିପାରିଛି। ମୋ ଜୀବନ ଯାତ୍ରାରେ ମୋର ସହଧର୍ମିଣୀ ଈଶିତାଙ୍କର ଅବଦାନ ବହୁତ ରହିଛି। ଜଗନ୍ନାଥଙ୍କ ଅସୀମ କୃପା ସହ ମୋ ପରିବାର ତଥା ମୋ ବନ୍ଧୁ ପ୍ରିୟଙ୍କ ସହଯୋଗରେ ମୁଁ ଆଜି ଭାରତ ସରକାରଙ୍କ ଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ସଂଯୁକ୍ତ ସଚିବ ଭାବେ କାର୍ଯ୍ୟାରମ୍ଭ କରିବାରେ ସଫଳ ହୋଇଛି। ସରକାରୀ କାର୍ଯ୍ୟ ସହ ବହି ଲେଖିବା, ଖବରକାଗଜରେ ପ୍ରାସଙ୍ଗିକ ବିଷୟର ତର୍ଜମା କରିବା ସହିତ ଗବେଷଣାତ୍ମକ ଲେଖା ଲେଖିଥାଏ। ଭଗବାନଙ୍କ ଅପାର କୃପାରୁ ୮୦ରୁ ଊର୍ଦ୍ଧ୍ୱ ଗବେଷଣାଯୁକ୍ତ ଲେଖା ପ୍ରକାଶିତ ହେବା ସହ ୭ଟି ବହି ଆଦିର ପ୍ରକାଶନରେ ନିଜକୁ ସଂଶ୍ଲିଷ୍ଟ କରାଇପାରିଛି। ୨୦୩୩ ମସିହାରେ ସରକାରୀ କାର୍ଯ୍ୟ ନିବୃତ୍ତ ହେବା ପରେ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବି।

# ମଉନାବତୀ ସେ ମନର ରାଣୀ, ନିଇତି ରଚଇ ନୂଆ କାହାଣୀ



**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ? *–ପ୍ରୀତମ, ଯାଜପୁର*

**ଉତ୍ତର :** 'ମଉନାବତୀ ସେ ମନର ରାଣୀ, ନିଇତି ରଚଇ ନୂଆ କାହାଣୀ।' ହେଲେ ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି । ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ**–ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ ? *–ଅଭୟ କୁମାର, କଟକ*

**ଉତ୍ତର :** ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ? *–ପ୍ରୀତମ ଦାସ, ସୁନାବେଡା*

**ଉତ୍ତର :** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ତାହା ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**–ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ? *–ସୁଜିତ ନାୟକ, ବଡବିଲ*

**ଉତ୍ତର :** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିବା ତରକାରୀ ଷୋଡକାଏ ପରି।

ସାଥୀ

# ଗାଁ ଯାତ୍ରାର ମୋହ

**ନା**ଟକର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା କଳାକାରଙ୍କ ମଧ୍ୟରେ କେହି ପେସାଦାର ତ ପୁଣି କେହି ସୌଖୀନ କଳାକାର ଭାବେ ନିଜର ପରିଚୟ ସୃଷ୍ଟି କରିଥାନ୍ତି। ଏହା କାହାକୁ ଆତ୍ମସନ୍ତୋଷ ଦେଉଥିବାବେଳେ କେହିକେହି ଏହାଦ୍ୱାରା ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ତେବେ ଏମାନଙ୍କ ମଧ୍ୟରେ ଏମିତି ବି ଅନେକ କଳାକାର ଅଛନ୍ତି, ଯେଉଁମାନେ ନିଜ ଅଭିନୟରେ ଦର୍ଶକଙ୍କ ମନୋରଞ୍ଜନ କରିବା ପାଇଁ ଅପେକ୍ଷା କରି ରହିଥାନ୍ତି ନିର୍ଦ୍ଦିଷ୍ଟ ପର୍ବପର୍ବାଣିକୁ। ଯେଉଁଠି ବି ଥାଆନ୍ତୁ ଗାଁକୁ ଆସି ଅଭିନୟ କରି ସମସ୍ତଙ୍କ ମନୋରଞ୍ଜନ କରିବା ସହ ନିଜ ପାଇଁ ଖୁସିର ମୁହୂର୍ତ୍ତ ସାଉଁଟିଥାନ୍ତି।

**✲ ଯାତ୍ରା ନିଶାରେ ୨୫ବର୍ଷ** : ଗାଁ ନାଟ୍ୟମଞ୍ଚରେ ଦୀର୍ଘ ୨୫ବର୍ଷ ଧରି ଅଭିନୟ କରିଥିବା କଳାକାର ଜଣଙ୍କ ହେଲେ **ଟୁକୁନା ପ୍ରଧାନ**। ଏବେ ସେ +୩ ଜନତା ଡିଗ୍ରୀ ମହାବିଦ୍ୟାଳୟ କୁହୁଡ଼ିର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। କିନ୍ତୁ ନିଶା ଯାତ୍ରା ନାଟକରେ ଅଭିନୟ କରିବା। ସେ କୁହନ୍ତି, ମୋ ଘର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମରେ। ୧୯୯୧ ମସିହାର କଥା । ସେତେବେଳେ ଗାଁର ବିଜୟ କ୍ଲବ ତରଫରୁ ଏକ ସାମାଜିକ ନାଟକ 'ପର୍ବତ ଶିଖରେ ଫୁଟିଛି କଇଁ' ମଞ୍ଚସ୍ଥ ହୋଇଥିଲା। ଏହି ବହିରେ ପ୍ରଥମେ ଖଳନାୟକ ଭୂମିକାରେ ଅଭିନୟ କରିଥିଲି। ଭଲ ଅଭିନୟ କରିଥିବାରୁ ଦର୍ଶକଙ୍କ ପ୍ରଶଂସା ମୋତେ ଆଗକୁ ଯିବାରେ ପ୍ରେରଣା ଦେଇଥିଲା। ସେବେଠାରୁ ଅଭିନୟ କରିବାର ତାହାଣି ମୋ'ଠାରେ ଲାଗିଛି।





ଟୁକୁନା ପ୍ରଧାନ

ଏଥିଯୋଗୁ ପ୍ରତିବର୍ଷ ଆମ ଗାଁରେ ବିଜେ ବାବା ବାଲୁଙ୍କେଶ୍ୱରଙ୍କ ଦଣ୍ଡପର୍ବ ବେଳେ ଆୟୋଜିତ ସାମାଜିକ ନାଟକରେ ଅଭିନୟ ପାଇଁ ମୋତେ ଗ୍ରାମବାସୀ ଲୋଡ଼ନ୍ତି। ମଝିରେ ଏହାକୁ ପେସା କରିବାର ନିଶା ଘାରିଥିଲା। କିନ୍ତୁ ୨୦୦୭ରେ ଜନତା ମହାବିଦ୍ୟାଳୟରେ ଜଣେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଲା ପରେ ଅଭିନୟକୁ ପେସା କରିପାରିଲି ନାହିଁ କିନ୍ତୁ ଏହା ମୋର ନିଶା ହୋଇଯାଇଛି। ଫଳସ୍ୱରୂପ ସୁନା ପଞ୍ଜୁରୀରେ ପେଚା ଚଢେଇ, ଜେଲ ଭିତରେ ଭାଇ ଭଉଣୀ, କନିଆ ସାଜିଛି କଣ୍ଢେଇ ରାଣୀ, ଦୁଃଖ ଦେଇଗଲା ଦରଦୀ ବନ୍ଧୁ, ଜଗା ସଜାଡୁଛି ଭଙ୍ଗା ଦେଉଳ, କଥା ରହିଗଲା କାଳକାଳକୁ , ଅଦିନ ମେଘର ଦୁଃଖ କାହାଣୀ ଆଦି ୪୦ଟିରୁ ଊର୍ଦ୍ଧ୍ୱ ନାଟକ ବହିରେ ଖଳନାୟକ ଅଭିନୟ କରିସାରିଲେଣି।

**✲ ଅଭିନୟ ଏବେ ନିଶା ନୁହେଁ ପେସା ହୋଇଛି**–ଏକାଧାରରେ ସେ ଜଣେ ଯାତ୍ରା, ଟିଭି ଧାରାବାହିକ, ସିନେ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ଏବଂ ନାଟ୍ୟକାର । ସ୍କୁଲ ବୟସରୁ ଅଭିନୟ କରିବାର ନିଶା ତାଙ୍କୁ ଜଣେ ସଫଳ ଅଭିନେତା ଓ ଯାତ୍ରା ନିର୍ଦ୍ଦେଶକ ଭାବେ ଦେଇଛି ସଫଳତା। ଏଥିପାଇଁ ସେ ଅନେକ ସଂସ୍ଥାରୁ ପୁରସ୍କୃତ ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ପ୍ରତାପ ଗ୍ରାମର **ବିଭୁକଲ୍ୟାଣ ସାମନ୍ତରାୟ**। ସେ କୁହନ୍ତି, ୪ର୍ଥ ଶ୍ରେଣୀରେ ପଢୁଥିଲାବେଳେ ଜନ୍ମାଷ୍ଟମୀ ଗୀତିନାଟ୍ୟରେ ଅଭିନୟ କରିଥିଲି। ମୋର ଭଲ ଅଭିନୟ ଯୋଗୁ ଅନ୍ୟମାନେ ମୋତେ ବହୁତ ପ୍ରଶଂସା କରିଥିଲେ। ମାତ୍ର ୮ମରେ ପଢୁଥିବାବେଳେ ଉଦୟଭାନୁ ଓଡ଼ିଆ ଚଳଚ୍ଚିତ୍ରରେ ଜଣେ ଶିଶୁ କଳାକାର ଭାବେ ଅଭିନୟ କରିଥିଲି। ଫଳରେ ଅଭିନୟ ପ୍ରତି ମୋର ଅଧିକ ଆଗ୍ରହ ବଢ଼ିଯାଇଥିଲା। ଏହି ଅଭିନୟ କରିବା ନିଶାଟା ଏବେ ପେସା ହୋଇଯାଇଛି। ଗୀତିନାଟ୍ୟ ଓ କାଳ୍ପନିକ ନାଟକରେ ଅଭିନୟର ଶିକ୍ଷା ପାଇଲି ଗୁରୁ ଯୋଗେନ୍ଦ୍ର ନାଥ ଜେନାଙ୍କଠାରୁ। ମୋର ମାମୁଁ ବିଜୟ କୁମାର ଦାସ ଓ ଜୟକୃଷ୍ଣ ଦାସ ମୋତେ ଆଗକୁ ଯିବାକୁ ପ୍ରେରଣା ଦେଇଥିଲେ। ପରବର୍ତ୍ତୀ ସମୟରେ କେତୋଟି ଯାତ୍ରା ନାଟକରେ ବିଶେଷକରି ଖଳନାୟକ ରୂପେ ଅଭିନୟ କଲି। ଏମିତି ଅଭନୟ ପାଇଁ ଦର୍ଶକଙ୍କଠାରୁ ଯେତେବେଳେ ଗାଳି ଶୁଣୁଥିଲି ତାହା ମୋ ପାଇଁ ଫୁଲମାଳ ହୋଇଯାଉଥିଲା। ଏଭଳି ପ୍ରଶଂସାରୁ ପ୍ରେରଣା ମିଳୁଥିଲା। କିପରି ଭଲ କଳାକାରଟିଏ ହେବି ସବୁବେଳେ ସ୍ୱପ୍ନ ଦେଖୁଥିଲି। ମୁଁ ଅଭିନୟ କରିଥିବା ସାମାଜିକ ନାଟକ ମଧ୍ୟରେ– ବଗ ଉଡ଼ିଯାଏ ଦୂରେ: ବଗଲୁ ଝରାଏ ଲୁହ, ଗରିବ ଆଖିରେ ଲୁହ, ଗାନ୍ଧୀବାଦ ଆଜି କବରତଳେ, ଝୁମୁକା ହଜିଲା ଝାଉଁବଣରେ, ବିଧବା ଛବିର ଚଉଠି କେବେ, ସୁଭଦ୍ରା ମାଗୁଛି ଶଙ୍ଖା ସିନ୍ଦୂର, ଅନ୍ଧର ଲଉଡ଼ି ଛୋଟାର ବାଡ଼ି, କାହାଣୀ ଲାଗୁଛି ନୂଆ, କଥା ରହିଗଲା କାଳକାଳକୁ, ବୋଉଲୋ ବଡ଼ଘର ଦେଖି ଦେଇଥିଲୁ, ଆ ଜହ୍ନମାମୁଁ ଶରଦ ଶଶୀ, କୁନି ମିଶ୍ର କଟକ ଯାଇଛି, ବୋଉଲୋ ବାରହାତ ଖଣ୍ଡା ବୁଲୁଛି, ସୀତା ବାନ୍ଧୁଛି ସେତୁବନ୍ଧ, ଜଗା କଚେରିରେ ବିଚାର ନାହିଁ ଆଦି ୭୦ରୁ ଊର୍ଦ୍ଧ୍ୱ ଯାତ୍ରା ନାଟକରେ ଅଭିନୟ କରିସାରିଲିଣି। ସେମିତି ପ୍ରାୟ ୨୫୦ରୁ ଅଧିକ ନାଟକ ବହିରେ ନିର୍ଦ୍ଦେଶନା ଦେଇ ସାରିଲିଣି। ଅତୃପ୍ତଆତ୍ମା, ମାନିନୀ ଓ ବିଜୟନୀ ଆଦି ଟିଭି ଧାରାବାହିକରେ ଅଭିନୟ କରିଥିବାବେଳେ ସୁନାଶଙ୍ଖାଳି ସିନେମାରେ ଅଭିନୟ କରିଥିଲି। ଯାତ୍ରା ଅନୁଭୂତିରେ ୨ଟି ସାମାଜିକ ନାଟକ –ବାଟର ଦୋଷ ନା ଚାଲିର ଦୋଷ, କାହୁ ଲାଗି ସିନା ଗୋପ ସୁନ୍ଦର ରଚନା କରିଛି। ଯେଉଁଥିପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ବି ହୋଇଛି। ଗାଁ ଯାତ୍ରାରେ ଅଭିନୟ ଏବେ ନିଶା ନୁହେଁ ମୋର ପେସା ପାଲଟିଛି।





ବିଭୁକଲ୍ୟାଣ ସାମନ୍ତରାୟ

**✲ଅନୁଭୂତି ଶିକ୍ଷାଦିଏ**–ତାଙ୍କର ବୟସ ଏବେ ପ୍ରାୟ ୫୭ବର୍ଷ। ଏବେ ସେ ଗାଁ ଯାତ୍ରାରେ ନାଟକ ପାଇଁ ନିର୍ଦ୍ଦେଶନା ଦେଉଛନ୍ତି। ଶତାଧିକ ଯାତ୍ରା ବହିରେ ଅଭିନୟ କରିବା ସହିତ ଏକାଧିକ ନାଟକକୁ ନିର୍ଦ୍ଦେଶନା ଦେଇସାରିଲେଣି। ସେ କୌଣସି ପେସାଦାର ଯାତ୍ରା କଳାକାର କି ନିର୍ଦ୍ଦେଶକ ନୁହନ୍ତି ତଥାପି ନାଟକରେ ଅଭିନୟ କରିବା ଓ ନିର୍ଦ୍ଦେଶନା ଦେବା ତାଙ୍କର ଏକ ନିଶା। ସେ ହେଲେ **ଖୋକନ କୁମାର ସ୍ୱାଇଁ** । କୁହୁଡ଼ି ଜନତା କଲେଜ ବିଜ୍ଞାନାଗାରରେ ଆସିଷ୍ଟାଣ୍ଟ ଲାବୋରେଟୋରିଆନ ଭାବେ କାର୍ଯ୍ୟରତ। ଘର ଖୋର୍ଦ୍ଧା ଜିଲାର କୁହୁଡ଼ିରେ। ସେ କୁହନ୍ତି, ଗାଁ ଡ୍ରାମାରେ ପ୍ରଥମେ ଅଭିନୟ କରିଥିଲି ; ସମସ୍ତେ ଖୁବ୍ ପ୍ରଶଂସା କଲେ। ସେବେଠାରୁ ପ୍ରତିବର୍ଷ ଚୈତ୍ରମାସରେ ହେଉଥିବା ଦଣ୍ଡପର୍ବରେ ଆୟୋଜିତ ନାଟକରେ ଅଭିନୟ କରୁଛି। ଏଭଳି କିଛିଦିନ ଯାତ୍ରାଜଗତରେ ହଜିଯାଏ। ଏହି ଅଭିନୟ ନିଶାରୁ ନିର୍ଦ୍ଦେଶନା ଦେବାର ସୂତ୍ର ମିଳୁଥିଲା। ଏମିତିରେ ପ୍ରାୟ ୩୪ ବର୍ଷ ଧରି କୁହୁଡ଼ି ବଡ଼କୋଠି –ଶ୍ରୀଚଣ୍ଡୀହର ଦେବଙ୍କ ଗାଁ ଆଖଡ଼ାଘରେ ପ୍ରତିବର୍ଷ ଯାତ୍ରା ନାଟକ ରିହରସାଲ ଚାଲିଛି। ଗାଁର ଯିଏ ଯେଉଁଠାରେ ରହୁଥିଲେ ମଧ୍ୟ ଅଭିନୟ ପ୍ରତି ରୁଚିଥିବା କଳାକାର ଜଣଙ୍କ ଚୈତ୍ରମାସ ପୂର୍ବରୁ ଏଠାରେ ଆସି ପହଞ୍ଚିଯାଆନ୍ତି । ଅଭିନୟ କରିବାର ସୁଯୋଗ ତାଙ୍କୁ ମିଳେ। ଏଯାଏଁ ୩୦ଟି ବହିରେ ନିର୍ଦ୍ଦେଶନା ଦେବା ସହିତ ପ୍ରାୟ ୮୦ରୁ ଅଧିକ ନାଟକ ବହିରେ ଅଭିନୟ କରିସାରିଲିଣି। ନାଟକ ମଞ୍ଚସ୍ଥ ସମୟରେ ଦର୍ଶକଙ୍କ ତାଳି ହେଉ କି ଗାଳି ସେଥିରୁ ସାଉଁଟିଥିବା ଅନୁଭୂତି ମୋତେ ନାଟକ ଅଭିନୟ ଓ ନିର୍ଦ୍ଦେଶନାର ଶିକ୍ଷା ଦିଏ।

–ବନବିହାରୀ





ଖୋକନ କୁମାର ସ୍ୱାଇଁ



ସୂର୍ଯ୍ୟମଲ୍ଲୀ

## ହାଃ ହାଃ

### ସୋନୋଗ୍ରାଫୀ

ରୋଗୀ: କ'ଣ ହେଇଛି ମୋର ?
ଡାକ୍ତର ରୋଗୀକୁ: ତମର ସୋନୋଗ୍ରାଫୀ କରିବାକୁ ପଡ଼ିବ ।
ରୋଗୀ: ମୁଁ ଗରିବ ଲୋକ ଆଜ୍ଞା । ରୁପାଗ୍ରାଫୀ, ତମ୍ବା ଗ୍ରାଫୀ କଲେ ହେବନି ?

### ଫି'

ରୋଗୀ: ମୋର ଦେହ ଭାରି ଦରଜ ହେଉଛି ।
ଡାକ୍ତର: କୋଉଠି ?
ରୋଗୀ: ମୋର ଫି' କମାନ୍ତୁ । ନ ହେଲେ କହିବିନି । ନିଜେ ଖୋଜିକି ବାହାର କରିବେ କୋଉଠି ଦରଜ ହେଉଛି ।

### ଗାଈ

ଜଣେ ବ୍ୟକ୍ତି ଏକ କାଣି ଗାଈ ବିକ୍ରି କରିବାକୁ ଆଣିଥାଏ ।
ଗାଈ ବିକାଳୀକୁ ଜଣେ ବ୍ୟକ୍ତି: କେତେ ଟଙ୍କା ?
ଗାଈ ବିକାଳୀ: ୪ ଲକ୍ଷ ଟଙ୍କା ।
ବ୍ୟକ୍ତି: କାଣି ଗାଈକୁ ଏତେ ଟଙ୍କା କହୁଛ ?
ଗାଈ ବିକାଳୀ: ତମେ ଗାଈକୁ କ୍ଷୀର ପାଇଁ କିଣିବ ନା ତା' ସହ ଆଖିରେ ଆଖି ମିଶେଇବା ପାଇଁ ନେବ ?

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧, ଫଟୋ ସୌଜନ୍ୟ: ଦେବୀ ମୁଖାର୍ଜୀ

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।



# ସୁଖନା ହ୍ରଦ

## ପରିଷ୍କାର ଯେମିତି ଆକର୍ଷଣୀୟ ବି ସେମିତି





**ଚଣ୍ଡୀଗଡ଼ର ଏକ ସୁନ୍ଦର ହ୍ରଦ ହେଉଛି ସୁଖନା। କୋଳାହଳମୟ ପରିବେଶରୁ ଦୂରରେ ଥିବା ଏହି ସ୍ଥାନରେ ଟିକେ ଶାନ୍ତିରେ ସମୟ ବିତାଇବା ପାଇଁ ପର୍ଯ୍ୟଟକଙ୍କର ବହୁତ ଇଚ୍ଛା ଥାଏ। ସେଥିପାଇଁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୁଏ ...**

........................................

ପ୍ରକୃତିର ଅପୂର୍ବ ଶୋଭାକୁ ଉପଭୋଗ କରିବାକୁ କାହାକୁ ବା ଭଲ ନ ଲାଗେ। ସେଥିପାଇଁ ତ କାମରୁ ଛୁଟି ମିଳିଲେ ଅନେକେ ବୁଲି ଯିବାକୁ ପ୍ଲାନିଂ କରିଥାନ୍ତି। ଯଦି ଆପଣ ବି ସେମିତି କିଛି ଯୋଜନା କରୁଥାନ୍ତି, ତା'ହେଲେ ଚଣ୍ଡୀଗଡ଼ର ସୁଖନା ହ୍ରଦ ଆପଣଙ୍କ ପାଇଁ ଏକ ବେଷ୍ଟ ଡେଷ୍ଟିନେଶନ ହୋଇପାରିବ। କାରଣ ଏହି ହ୍ରଦର ପ୍ରାକୃତିକ ପରିବେଶ ଦେଖିବାକୁ ଯେତିକି ଆକର୍ଷଣୀୟ ହୋଇଥାଏ ଠିକ୍ ସେମିତି ଏଠାକାର ପରିଷ୍କାର,ପରିଚ୍ଛନ୍ନତା ବି କାହାର ଧ୍ୟାନ ଆକର୍ଷଣ କରିପାରେ। ତା'ଛଡ଼ା ଏଠାରେ ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ସୁବିଧା ଥିବା ଯୋଗୁ ପ୍ରାୟତଃ ଏଠାରେ ପର୍ଯ୍ୟଟକଙ୍କର ଯା'ଆସ ଲାଗି ରହିଥାଏ।

ସୁଖନା ହ୍ରଦ ; ଯାହାକି ଚଣ୍ଡୀଗଡ଼ରେ ଥିବା ଏକ ଆକର୍ଷଣୀୟ ଜଳଭଣ୍ଡାର। ସ୍ଥାନୀୟ ଶିବାଲିକ୍ ପର୍ବତର ପାଦଦେଶରେ ଏହା ଅବସ୍ଥିତ। ପ୍ରକୃତପକ୍ଷେ, ପାହାଡରୁ ଝରି ଆସୁଥିବା ବର୍ଷା ଜଳକୁ ଆବଦ୍ଧ କରି ରଖିବା ପାଇଁ ୧୯୫୮ ମସିହାରେ ବନ୍ଧ କରି ଉକ୍ତ ଜଳଭଣ୍ଡାରକୁ ତିଆରି କରାଯାଇଥିଲା। ଫଳରେ ପ୍ରାୟ ୩ ବର୍ଗ କି.ମି ପରିବ୍ୟାପ୍ତ ଏହି ଜଳଭଣ୍ଡାରରେ ବର୍ଷସାରା ପାଣି ଗଚ୍ଛିତ ହୋଇ ରହିଲା। ଯଦ୍ଦ୍ୱାରା ଏହା ଏକ ହ୍ରଦର ରୂପ ନେଇ ସ୍ଥାନୀୟ ଲୋକମୁଖରେ ସୁଖନା ହ୍ରଦର ପରିଚିତି ପାଇବାକୁ ଲାଗିଲା।

### ବିଶେଷ ଆକର୍ଷଣ

* ଆବଶ୍ୟକତା ଦୃଷ୍ଟି କୋଣରୁ ଦେଖିଲେ, ସୁଖନା ହ୍ରଦ ହେଉଛି ଚଣ୍ଡୀଗଡ଼ର ଏକ ଅଭିନ୍ନ ଅଙ୍ଗ। ସୂଚନାନୁଯାୟୀ, ଚଣ୍ଡୀଗଡ଼ ସହରରେ ଯାହାବି ଉନ୍ନତିମୂଳକ କାର୍ଯ୍ୟ କରାଯାଇଥାଏ, ସବୁର ସମ୍ପର୍କ ପ୍ରତ୍ୟେକ୍ଷ ହେଉକି ପରୋକ୍ଷ ଭାବରେ ଏହି ହ୍ରଦ ସହିତ ରହିଥାଏ। ସେଥିପାଇଁ ଏହି ହ୍ରଦ ନିକଟରେ ସବୁ ପ୍ରକାରର ସୁବିଧା ସୁଯୋଗ ରହିଥିବା ଦେଖାଯାଏ। ଯେମିତିକି ଏଠାରେ ଏକ ମେମ୍ବରଶିପ୍ କ୍ଲବ୍ ରହିଛି ; ଯାହା ମଧ୍ୟରେ ଖେଳିବା ଲାଗି ଘାସ ଗାଲିଚା, ଜିମ୍, ସୁଇମିଂ ପୁଲ୍, ଟେନିସ୍ କୋର୍ଟ ଆଦିର ସୁବିଧା ଉପଲବ୍ଧ ଅଛି।
* କେବଳ ସେତିକି ନୁହେଁ, ପର୍ଯ୍ୟଟକଙ୍କୁ ବୋଟିଂ, ରୋଇଂ, ସେଲିଂ, କାୟାକିଂ, ୱାଟର୍ ସ୍କିଂ ଭଳି ଜଳକ୍ରୀଡ଼ାର ମଜା ଦେବା ପାଇଁ ମଧ୍ୟ ଏଠାରେ ବିଶେଷ ବ୍ୟବସ୍ଥା କରାଯାଇଛି। ସେ ନେଇ ସ୍ୱତନ୍ତ୍ର ତାଲିମ୍‌ର ବି ଏଠାରେ ସୁବିଧା ରଖାଯାଇଛି। ପର୍ଯ୍ୟଟକ ଏଠାରେ ଫିଶିଂର ମଜା ବି ନେଇପାରିବେ।
* ଏହାଛଡ଼ା ଏହି ହ୍ରଦ ନିକଟରେ ବର୍ଷସାରା ଜାତିଜାତିକା ପକ୍ଷୀଙ୍କୁ ବି ଦେଖିବାକୁ ମିଳେ। ଖାସ୍‌କରି ଶୀତଦିନେ ବହୁ ସଂଖ୍ୟାରେ ବିଦେଶୀ ପକ୍ଷୀ ଏଠାକୁ ଉଡ଼ି ଆସିଥାନ୍ତି। କହିବାକୁ ଗଲେ, ପକ୍ଷୀପ୍ରେମୀଙ୍କ ପାଇଁ ଏହା ଏକ ପରଫେକ୍ଟ ଡେଷ୍ଟିନେଶନ ହୋଇଥାଏ।
* ଏହି ହ୍ରଦ ନିକଟରେ ବିଭିନ୍ନ ପ୍ରକାରର ଉତ୍ସବମାନ ବି ପାଳନ କରାଯାଇଥାଏ। ଖାସ୍ କରି ବର୍ଷାଦିନେ ଏଠାରେ ପାଳିତ ହେଉଥିବା ଆମ୍ବ ଉତ୍ସବ ଆଗନ୍ତୁକଙ୍କୁ ବେଶ୍ ଆକର୍ଷିତ କରିଥାଏ ; ଯେଉଁଥିରେ ଜାତିଜାତିକା ଆମ୍ବର ଏଠାରେ ପ୍ରଦର୍ଶନୀ କରାଯାଇଥାଏ।
* ଏସବୁବାଦ୍ ଏହି ହ୍ରଦ ନିକଟରେ ବହୁ ଦକ୍ଷ ଚିତ୍ରଶିଳ୍ପୀମାନଙ୍କୁ ଦେଖିବାକୁ ମିଳିଥାଏ। ଯେଉଁମାନେ ରାସ୍ତାକଡ଼ରେ ବସି କିଛି ପାରିଶ୍ରମିକ ବଦଳରେ ପର୍ଯ୍ୟଟକମାନଙ୍କର ଅବିକଳ ଛବି ଆଙ୍କି ଦେଇଥାନ୍ତି।







### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ କିଛି ପର୍ଯ୍ୟଟକ ପକ୍ଷୀ ଦେଖିବାକୁ ଶୀତ ଦିନେ ଏଠାକୁ ବୁଲି ଯିବାକୁ ଭଲ ପାଇଥାନ୍ତି ତ ଆଉ କିଛି ପର୍ଯ୍ୟଟକ ଖରାଦିନେ ଟିକେ ଶୀତଳ ପବନର ସ୍ପର୍ଶ ପାଇବାକୁ ଏଠାକୁ ଆସିଥାନ୍ତି। ସେହିପରି ଏଠାକୁ ଯିବାପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ମଧ୍ୟ ଭଲ ସୁବିଧା ରହିଛି। ନିଜ ବଜେଟ୍‌କୁ ଦେଖି ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ଏହି ହ୍ରଦ ନିକଟରେ ପହଁଞ୍ଚିପାରିବେ।

# କୁମ୍ଭୀର ଶୋଇରହେ କାହିଁକି




**ସାଧାରଣତଃ ଯିଏ ବେଶି ଶୁଅନ୍ତି ତାକୁ ସମସ୍ତେ କୁମ୍ଭୀର ଭଳି ପଡ଼ି ରହୁଛି ବୋଲି କହନ୍ତି । କାରଣ ଅଧିକ ସମୟ ଶୋଇ ରହିବା ଲାଗି କୁମ୍ଭୀର ବେଶ୍ ପରିଚିତ। ତେବେ ସେ ଏତେ ସମୟ କାହିଁକି ଶୋଇ ରହେ ଓ ଶୋଇବା ବେଳେ କାହିଁକି ପାଟି ଖୋଲା ରଖେ ଜାଣନ୍ତୁ ସେ ସମ୍ପର୍କରେ...**

କୁମ୍ଭୀର ଏକ ଶକ୍ତିଶାଳୀ ଓ ହିଂସ୍ର ପ୍ରାଣୀ । ତା' କବଳରୁ ବଞ୍ଚିବା ଅସମ୍ଭବ ପ୍ରାୟ । ଏମିତି କି ବାଘ, ଚିତା ଭଳି ପ୍ରାଣୀଙ୍କୁ ବି ସେ ଶିକାର କରିପାରେ । ହେଲେ ଦେଖିଥିବେ ଏତେ ଶକ୍ତିଶାଳୀ ପ୍ରାଣୀ ହୋଇ ବି ଅଧିକାଂଶ ସମୟ ସେ ଶୋଇ ରହେ । ତେବେ ସେ କାହିଁକି ଏତେ ସମୟ ଶୁଏ ତା' ପଛରେ ରହିଛି କେତେ କାରଣ । ପ୍ରଥମତଃ କୁମ୍ଭୀର ଥଣ୍ଡା ରକ୍ତର ପ୍ରାଣୀ । ସେ ନିଜ ଶରୀରର ତାପମାତ୍ରାକୁ ନିୟନ୍ତ୍ରିତ କରିପାରେନା । ସେ ନିଜ ଆଖପାଖର ତାପମାତ୍ରା ଅନୁସାରେ ଗରମ ଅବା ଥଣ୍ଡା ହୁଏ । ତେଣୁ ଶୀତଦିନେ ଏମାନେ କମ୍ ସକ୍ରିୟ ରୁହନ୍ତି ଓ ଅଧିକ ଶୁଅନ୍ତି । କୁମ୍ଭୀର ଦିନରେ ପ୍ରାୟ ୧୦–୧୭ ଘଣ୍ଟା ଯାଏ ଶୋଇଥାଏ ।

କୁମ୍ଭୀରର ଶୋଇବା ତା'ର ବୟସ, ଋତୁ ଓ ଅନ୍ୟ କାରକ ଉପରେ ବି ନିର୍ଭର କରେ । ଛୋଟ କୁମ୍ଭୀର ବଡ଼ କୁମ୍ଭୀର ଅପେକ୍ଷା କମ୍ ଶୁଅନ୍ତି । ଏହାବାଦ କୁମ୍ଭୀର ଏକ ଶିକାରୀ ପ୍ରାଣୀ, ଶିକାର କରିବା ପାଇଁ ତାକୁ ବହୁତ ଉର୍ଜାର ଆବଶ୍ୟକତା ପଡ଼େ । ଶିକାର କରିବା ପରେ ଶରୀରରେ ପୁଣି ଥରେ ଉର୍ଜା ଫେରାଇବା ଲାଗି ଏମାନେ ଲମ୍ବା ସମୟ ପାଇଁ ଶୁଅନ୍ତି । କୁମ୍ଭୀର ନିଜର ଉର୍ଜା ବହୁତ ଧୀରେ ଧୀରେ ଖର୍ଚ୍ଚ କରନ୍ତି । ତେଣୁ ସେମାନଙ୍କୁ ଅଧିକ ଉର୍ଜାର ଆବଶ୍ୟକତା ପଡ଼ି ନ ଥାଏ । ସେମାନେ କମ୍ ଖାଇ ବି ଅଧିକ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି ।

କୁମ୍ଭୀର ଅନେକ ସମୟରେ ପାଣିରେ ଭାସି ଭାସି ଶୁଅନ୍ତି ଓ ଶୋଇବାବେଳେ ଗୋଟେ ଆଖି ଖୋଲା ରଖନ୍ତି । କାରଣ କୁମ୍ଭୀର ଶୋଇବାବେଳେ ତା'ର ମସ୍ତିଷ୍କର କେବଳ ଗୋଟିଏ ଭାଗ ହିଁ ଶୋଇଥାଏ ଓ ଅନ୍ୟ ଭାଗଟି ଜାଗ୍ରତ ରହେ । ଅର୍ଥାତ୍ ତାଙ୍କର ଗୋଟିଏ ଭାଗ ମସ୍ତିଷ୍କ ସକ୍ରିୟ ରହେ ଏବଂ ସେମାନେ ଯେକୌଣସି ବିପଦ ପ୍ରତି ସତର୍କ ରହିପାରନ୍ତି । ଆସନ୍ନ ବିପଦକୁ ଅନୁଭବ କରିପାରନ୍ତି । ଗୋଟିଏ ଆଖିରେ ସେମାନେ ବିପଦ ପ୍ରତି ନଜର ରଖନ୍ତି । ଶିକାର ପାଖକୁ ଆସିଲେ ଶିକାର କରିପାରନ୍ତି । ତେଣୁ କୁମ୍ଭୀର ଶୋଇଛି ଭାବି ତା'ର ନିକଟତର ହେବା ବିପଜ୍ଜନକ ହୋଇପାରେ ।





# ହୃଦ୍‌ରୋଗ ଚିହ୍ନଟ କରିପାରୁଥିବା ଆପ୍ ତିଆରି କଲେ ବାଳକ



ସିଦ୍ଧାର୍ଥ ନନ୍ଦ୍ୟାଲା, ବୟସ ମାତ୍ର ୬ ବର୍ଷ । ହେଲେ ଏଇ ବୟସରେ ସେ ଡେଭଲପ୍ କରିଛନ୍ତି 'ସର୍କେଡିୟାଭି' ନାମକ ଏକ ଏଆଇ ସଞ୍ଚାଳିତ ଆପ୍, ଯାହା କେବଳ ୭ ସେକେଣ୍ଡରେ ହୃଦ୍‌ରୋଗଗୁଡ଼ିକୁ ଚିହ୍ନଟ କରିଦେବ । ସିଦ୍ଧାର୍ଥଙ୍କର ଏହି ଆପ ଏକ ମେଡିକାଲ ସଫଳତା କହିଲେ ଭୁଲ୍ ହେବ ନାହିଁ । ଏହା ସ୍ମାର୍ଟ ଫୋନ ଆଧାରିତ ହୃଦଧ୍ୱନିର ରେକର୍ଡିଂକୁ ଉପଯୋଗ କରି ହୃଦ୍ ସମ୍ବନ୍ଧୀୟ ରୋଗଗୁଡ଼ିକର ପ୍ରାରମ୍ଭିକ ସମୟରୁ ଚିହ୍ନଟ କରିବାରେ କ୍ରାନ୍ତି ଆଣିବ । ଏହି ଟେକ୍‌ନିକ୍‌ର ପରୀକ୍ଷଣ ଆମେରିକାରେ ୧୫୦୦୦ରୁ ଅଧିକ ରୋଗୀଙ୍କଠାରେ ଓ ଭାରତରେ ୭୦୦ ରୋଗୀଙ୍କ ଉପରେ କରାଯାଇଛି । ତାଙ୍କର ଏହି ପ୍ରତିଭାରେ ପ୍ରଭାବିତ ହୋଇ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତାଙ୍କୁ କାର୍ଯ୍ୟାଳୟକୁ ଡାକିଥିଲେ । ସେ କୁହନ୍ତି, 'ସିଦ୍ଧାର୍ଥଙ୍କ ଅସାଧାରଣ ପ୍ରତିଭା ଓ ମାନବଜାତିର ମଙ୍ଗଳ ପାଇଁ ଟେକ୍ନୋଲୋଜିର ଉପଯୋଗ କରିବା ପ୍ରତି ସମର୍ପଣ ଭାବ ପ୍ରତି ମୁଁ ବହୁତ ପ୍ରଭାବିତ । ଏତେ କମ୍ ବୟସରେ ସେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ସେଥିପାଇଁ ସେ ଆଗକୁ ବଢ଼ନ୍ତୁ ବୋଲି ଆମେ ପ୍ରୋତ୍ସାହିତ କରୁଛୁ ।' ସୂଚନାଯୋଗ୍ୟ ଯେ, ସିଦ୍ଧାର୍ଥ ହେଉଛନ୍ତି ପୃଥିବୀର ସର୍ବକନିଷ୍ଠ ଏଆଇ ସାର୍ଟିଫାଇଡ୍ ପ୍ରଫେଶନାଲ । ସେ ଜଣେ କନିଷ୍ଠ ଏଣ୍ଟରପ୍ରେନ୍ୟୁର ଭାବେ ବି ପରିଚିତ । ସେ STEM ITର ସଂସ୍ଥାପକ ଓ ସିଇଓ, ଯାହାକି ବିଶ୍ୱସ୍ତରରେ STEM ଶିକ୍ଷାକୁ ବଢ଼ାଇବା ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଛି । ଏହା ମାଧ୍ୟମରେ ସେ ଛାତ୍ରଙ୍କୁ କୋଡିଂ, ରୋବୋଟିକ୍ସ ଓ ଏଆଇ ସମ୍ପର୍କରେ ଜଣାଇଥାନ୍ତି । ସିଦ୍ଧାର୍ଥଙ୍କ ବାପା ମହେଶ ମୂଳ ରୂପରେ ଆନ୍ଧ୍ରପ୍ରଦେଶର ଅନନ୍ତପୁରର । ୨୦୧୦ରେ ସେ ଆମେରିକା ଚାଲି ଯାଇଥିଲେ । ପରେ ସେଠି ରହିଯାଇଛନ୍ତି ।

# ମର୍ତ୍ତ୍ୟେ ବେପାର, ସ୍ୱର୍ଗରେ ଗୋଳମାଳ



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

ସ୍ୱର୍ଗପୁରରେ ଏମର୍ଜେନ୍ସି ମିଟିଂ ଡକାଗଲା, ଯେମିତି ଦଳୀୟ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସବୁ କର୍ମୀ ଏକାଠି ହୁଅନ୍ତି, କିଛି ଖାସ୍ ନିଷ୍ପତ୍ତି ପାଇଁ। ଏହି ବୈଠକରେ ଶିବ-ପାର୍ବତୀ, ବ୍ରହ୍ମା-ସରସ୍ୱତୀ, ଲକ୍ଷ୍ମୀ-ନାରାୟଣ, ଦୁର୍ଗା, କାଳୀ, ଗଣେଶ ଇତ୍ୟାଦି ସର୍ବ ଦେବଗଣ ଉପସ୍ଥିତ ହେଲେ। କିଛି ସମୟ ନୀରବ ରହିବା ଦେଖି ଦେବର୍ଷି ନାରଦ କହିଲେ, ନାରାୟଣ ନାରାୟଣ ! କି କାରଣେ ଏମିତି ଅତରଛିଆ ଆମ୍ଭଙ୍କୁ ହେଲା ନିମନ୍ତ୍ରଣ ? ଏଥର ଲକ୍ଷ୍ମୀଙ୍କୁ ନାରାୟଣ ଚାହିଁ କହିଲେ, ହେ ପ୍ରିୟେ ! କ'ଣ ଏମିତି ତମର ଅଭାବ ବୈକୁଣ୍ଠରେ ହେଲା ଯେ, ତମେ ମର୍ତ୍ତ୍ୟରେ ବେପାର ଆରମ୍ଭ କରିଦେଲ ? ଲକ୍ଷ୍ମୀ କହିଲେ ପ୍ରଭୁ ! ମୁଁ କିଛି ବୁଝି ପାରିଲିନି। କଥା କ'ଣ ସିଧା କୁହନ୍ତୁ ! -ଏଁ, ବୁଝିପାରୁନ ନା ନ ବୁଝିବାର ବାହାନା କରୁଛ। ଆହେ ତମେ ପରା ତମ ନାଁରେ ମର୍ତ୍ତ୍ୟରେ ହୋଟେଲ ଖୋଲିଛ। ଶ୍ରୀଲକ୍ଷ୍ମୀ ହୋଟେଲରେ ଘିଅ ଅନ୍ନ ମଟନ ବିକାଉଛ। ଶାନ୍ତ ମୂର୍ତ୍ତି ତେଜି କ୍ରୋଧଭରେ କାନ୍ତ ମୁଖ ଚାହିଁ, ଲକ୍ଷ୍ମୀ ଚିହିଁକି ଉଠି କହିଲେ, ଅଯଥାରେ ମତେ ସନ୍ଦେହ କରୁଛ କିଆଇଁ? ତମେ ତ ନିଜ ନାଁ ରେ 'ଶ୍ରୀବିଷ୍ଣୁ ମଟନ ସେଣ୍ଟର' ଖୋଲିଛ। କେଜାଣି ମଟନ ନାଁରେ ଆଉ କି କି ଜିନିଷ ବିକୁଛ, କିଏ କହିବ ? ନାରାୟଣ କହିଲେ, କି କଥା ! ମୁଁ ତ ସାଦା ଖିଆ ଅବଢ଼ା ପ୍ରିୟ ଦିଅଁ, ପୁଣି ଆମିଷ ଦ୍ରବ୍ୟ କିଆଁ କରିବି ବିକ୍ରୟ ? ତମକୁ କିଏ ଭୁଲ୍ ସମ୍ବାଦ ଦେଇଛି। ଲକ୍ଷ୍ମୀ କହିଲେ, ଶୁଣି ବିଶ୍ୱାସ ହେଲାନାହିଁ ବୋଲି, ନିଜେ ଯାଇ ଆଖିରେ ଦେଖି ଆସିଛି ! ଖାଲି କ'ଣ ସେତିକି, ନିଜ ଭାଇଙ୍କୁ ପାର୍ଟନର ବନେଇ 'ଜଗା-ବଳିଆ ହୋଟେଲ' ଖୋଲେଇ ଭେଜ-ନନ୍‌ଭେଜ ଆଇଟମ୍ ବିକ୍ରି ହେଉଥିବାର ବୁଝି ଆସିଛି। କାହିଁ ମତେ କ'ଣ କେବେ ଜଣେଇଛ ?

ଏଇବେଳେ ଦେବ ଦେବ ମହାଦେବ ବମ୍ ବମ୍ କହି ଦି ଦମ୍ ଟାଣି ଡାକିଲେ, ଆରେ ଗଣେଶ ! ଆସି ମୋ ପାଖରେ ବସ। ସତ କହ ! ତୁ କେବେଠୁ ମର୍ତ୍ତ୍ୟରେ 'ଶ୍ରୀଗଣେଶ ଅଣ୍ଡା ଦୋକାନ' ଖୋଲି ବେପାର କଲୁଣି ? ଗଣନାଥ କହିଲେ, ହେ ପିତୃଦେବ ! ମୋର କୋଉ ଅଭାବ ଯେ ମୁଁ ପୁଣି ଅଣ୍ଡା ବେପାର କରିବି ? କିଏ ଆପଣଙ୍କୁ ଭୁଲ୍ ସମ୍ବାଦ ଦେଇଛି। ଆମ ବାପ-ପୁଅ ଭିତରେ କଳି ପୁରେଇବାକୁ ଚାହିଁଛି। ଏକଥା ଶୁଣି ପାର୍ବତୀ ଗର୍ଜି ଉଠି କହିଲେ, ହେ ଭୋଳାନାଥ ! ମୁଁ ଭାବିଥିଲି ତମେ ଭାରି ଶାନ୍ତ। ମାତ୍ର ମୁଁ କିଛି ନ କହିଲାରୁ ତମେ କ'ଣ ମୋ ପୁଅ ଗଣିଆ ନାଁରେ ମନଇଚ୍ଛା କହି ଯାଉଛ ? ବରଂ ମୁଁ ଖବର ପାଇ ଆଖିରେ ଦେଖି ଆସିଛି ଯାହା ଶୁଣ। ଆଗରୁ ଜାଣିଥିଲି ତମେ ଗଞ୍ଜେଇ ଟିକେ ଟାଣ। ହେଲେ କେବେଠୁ ମଦ ମୁହାଁ ହେଲଣି ? ମର୍ତ୍ତ୍ୟରେ ଦେଖିଲି 'ମହାଦେବ ଠିପି ଖୋଲା ମଦ ଦୋକାନ' ସାଇନ ବୋର୍ଡ ଲେଖା ହୋଇଛି। ଟୋକାଠୁ ବୁଢ଼ା ସମସ୍ତଙ୍କ ଭିଡ଼ରେ ଲାଇନ ଲାଗିଛି। ମହାଦେବ କହିଲେ, ହେ ସତୀ ! ତମେ ମତେ ସନ୍ଦେହ କରୁଛ କେମିତି ? ଆରେ ହଁ ହଁ ମୋର ବି ମନେପଡ଼ିଲା। ଗଲା ଜାଗର ବେଳେ ଷଣ୍ଢ ଚଢ଼ି ସନ୍ଧ୍ୟାରେ ଯାଉ ଯାଉ ଦେଖିଲି, ଗୋଟେ ଜାଗାରେ ଲେଖା ହୋଇଛି 'ପାର୍ବତୀ ଢାବା'! ବ୍ରାକେଟ ଭିତରେ ଆମିଷ-ନିରାମିଷ। ତମେ ବି ମତେ ନ କହି ଲୁଚେଇ ବେପାର କେବେଠାରୁ କଲଣି ? ପାର୍ବତୀ କହିଲେ, ମତେ ଏମିତି ବଦ୍‌ନାମ କଲେ ମୁଣ୍ଡ ପିଟି ଦି'ଫାଳ କରିଦେବି। ଆଗ ଜନ୍ମରେ



ଦକ୍ଷ ପିତାଙ୍କ ଯଜ୍ଞରେ ଝାସ ଦେବାରୁ ମୋ ଶବକୁ କାନ୍ଧରେ ବୋହି ଉଦଣ୍ଡ ନୃତ୍ୟ କଲ। ଏବେ ମୁଣ୍ଡ ଫଟେଇଲେ କ'ଣ ଶାନ୍ତି ହେବ ? ଏତେବେଳେ ବ୍ରହ୍ମା କହିଲେ, ହେ ଭାଇ ଶୁଣ। ମୁଁ ବି ଖବର ପାଇଛି, ଆମ ସରସ୍ୱତୀ ମର୍ତ୍ତ୍ୟରେ ଚିକେନ ବିରିୟାନୀ ସେଣ୍ଟର ଖୋଲିଛି। ସରସ୍ୱତୀ କହିଲେ, ଏମିତି କହି ମତେ ଯୋଉ ଦୁଃଖ ଦେଉଛନ୍ତି, କ'ଣ ବୀଣା ସ୍ୱର ନ ଶୁଣି ମୋ ବୁକୁଫଟା କାନ୍ଦଣା ଶୁଣିବାକୁ ମନ କରିଛନ୍ତି ?

ଏଥର ନାରାୟଣ କହିଲେ, ସମସ୍ତେ ଚୁପଚାପ ଶୁଣ। କହିଲ କିଏ ଏମିତି ଖବର ଦେଇ ଆମ ଭିତରେ କଳି ପୁରେଇଛି ? ସମସ୍ତେ ଏକ ସ୍ୱରରେ କହିଲେ, କିଏ ଆଉ ? ସେଇ ତ୍ରିପୁର ସାମ୍ବାଦିକ ଦେବର୍ଷି ନାରଦ। ଦେଖୁନ, ଆମେ ଚୁଟି ଧରାଧରି ହେଲା ବେଳକୁ, ସିଏ କେମିତି ବସି ମୁରୁକି ମୁରୁକି ହସୁଛନ୍ତି ! ହେ ହେ ନାରଦ ! କାହିଁକି ଏ ନାଟ ଲଗେଇଛ ? ନାରଦ କହିଲେ ପ୍ରଭୁ ! ଯଦି ମୁଁ ଲଗେଇ ନ ଥାନ୍ତି ନାଟ, ତେବେ କ'ଣ ସ୍ୱର୍ଗରେ ସମସ୍ତଙ୍କ ଏକାବେଳେ ହୋଇଥାନ୍ତା ଭେଟ ? ଆହେ ପ୍ରଭୁ ! ସେତିକି ନୁହେଁ, ଶ୍ରୀଦୁର୍ଗା ପକୋଡା ସେଣ୍ଟର, କାର୍ତ୍ତିକେଶ୍ୱର ବିସ୍କୁଟ ମିକ୍ସଚର, ମା' କାଳୀ ଗ୍ରୋସରୀ, ଏମିତି କେତେ କେତେ ଆପଣଙ୍କ ନାଁରେ ମର୍ତ୍ତ୍ୟରେ ଚାଲିଛି ବେପାର। ଜରି ମୁଣି, କାଗଜ ଖୋଳରେ ଆପଣଙ୍କ ଫଟୋ ଛାପି, ଜିନିଷ ବିକୁଛନ୍ତି। ଲୋକେ ସେଇ ଖୋଳ, ଜରି ରାସ୍ତାରେ ଫିଙ୍ଗୁଛନ୍ତି। ତାକୁ ପାଦରେ ଦଳି କେତେ କିଏ ଯାଉଛନ୍ତି। କାନ୍ଥରେ ପ୍ରଭୁଙ୍କ ଛବି ଆଙ୍କି ବିଜ୍ଞାପନ ଦେଇ ବେପାର ବଢ଼େଇଲା ବେଳେ, ଏଇ ଚିତ୍ର ଉପରେ କୁକୁରଠାରୁ ବିଧର୍ମୀ ମଣିଷ ସୁସୁ କରୁଛନ୍ତି ! ହେ ପ୍ରଭୁ ! ନର ମାୟା ନାରାୟଣଙ୍କୁ ସିନା ଅଗୋଚର, ମାତ୍ର ମୋ ପାଖରେ ଅଛି ସବୁ ଖବର। ହେ ପ୍ରଭୁ ! ଏ ମଣିଷଙ୍କ ଚଲାଖିଆ ବୁଦ୍ଧି କରାମତି, ଆଉ କେମିତି କେବେ ହୋଇବ ସମାପ୍ତି ? ଗୋଟେ କଥା ଜାଣି ଥାଆନ୍ତୁ, ପ୍ରସ୍ତୁତ ରୁହନ୍ତୁ। ଦିନେ କୋର୍ଟରୁ ଆସିବ ସମନ, ଆପଣ କାଠଗଡାକୁ ଦିନେ ଟଣା ହେବେ, ଜେଲ ବି ଯିବେ। ଦେବ ଦେବ ମହାଦେବ କହିଲେ, ହେ ନାରଦ ! ଆମେ ତ ଦୋଷୀ ନୋହୁଁ, କାହିଁକି ଆସିବ ବିପଦ ? ନାରଦ କହିଲେ, ଏତିକି ବୁଝିପାରୁନାହଁ ପ୍ରଭୁ ! ମର୍ତ୍ତ୍ୟରେ ଯୋଉ କାଣ୍ଡ କୀର୍ତ୍ତି ଚାଲିଛି, ଆପଣଙ୍କ ପାଇଁ ଜାଣ ଦଣ୍ଡ ବ୍ୟବସ୍ଥା ହୋଇ ସାରିଛି। ମଣିଷ ଲାଭ କି ନାମ ଯଶ ପାଇବାକୁ ଆଗ। ହେଲେ କ୍ଷତି କି ଦଣ୍ଡ ମିଳିଲେ ପଛରେ ରହି ଆପଣଙ୍କ ନାଁ କହି କହେ.. କରି କରାଉ ଥାଏ ସେହି, ତା' ବିନୁ ଆଉ କେହିନାହିଁ। ସେ ଗଙ୍ଗା ଯିବା କଥା କହେ, ଗୋରୁ ଆପଣ ମାରିଥିବା ଦୋଷଦିଏ। ଆଜ୍ଞା, ଆଜିକାଲି ମୋଟା ଲାଭ ପାଇବାକୁ ସବୁ ନକଲି ଜିନିଷକୁ ଅସଲି କହି ଲୋକେ ବିକିଲେଣି। ମଟନ ନାଁରେ କେତେ ଅନ୍ୟ ଜୀବ ମାରି ବିକିଲେଣି। ଚିକେନ-ବିରିୟାନୀ ଖାଣ୍ଟି କାଉ ମାଂସରେ। ଏମିତି କି ତେଲ, ଘିଅ, କ୍ଷୀର, ପନିର, ସର୍ବଠାରୁ ନକଲି ମଦକୁ ଅସଲି ପ୍ୟାକିଙ୍ଗରେ ଚାଲିଛି ବେପାର। ଯେତେବେଳେ ଧରା ପଡ଼ି ଦଣ୍ଡ ଦିଆଯିବା କଥା ଉଠିବ, ସେତେବେଳେ ସେମାନେ ଚାକର, ଆଉ ଦେବତା ମାନେ ଅସଲ ମାଲିକ କହି ଖସିବେ, ଆପଣ ଫସିବେ। ଦେବଗଣ ପଚାରିଲେ ତେବେ ଏହାର ଉପାୟ କ'ଣ ନାରଦ ? ନାରଦ କହିଲେ, ଆହେ ମତେ କ'ଣ ପଚାରୁଛନ୍ତି ? ଏଇଠି ତ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା, ସଂହାରକର୍ତ୍ତା ଏବଂ ସବୁ ଦେବଦେବୀ ଅଛନ୍ତି। ବିଚାର କରନ୍ତୁ। ଏତିକି ବେଳେ ସବୁ ମୁଖିଆ ରୁଦ୍ଧଦ୍ୱାର ବୈଠକ କଲାବେଳେ, ଅନ୍ୟମାନେ ବାହାରେ କୌତୂହଳରେ ଅନେଇଥିଲେ। ଦ୍ୱାର ଫିଟିଲା। ବିଚାରରେ କ'ଣ ଫଇସଲା ହେଲା, ପଚାରିବାରୁ, କେବଳ ଏତିକି ଉତ୍ତର ମିଳିଲା.. ରଣନୀତି ପ୍ରସ୍ତୁତ ସରିଛି। ସେଇ ବେଳ ପାଖେଇ ଆସୁଛି। ଧୈର୍ଯ୍ୟ ଧର। ସମୟକୁ ଅପେକ୍ଷା କର।

*-ମଙ୍ଗରାଜପୁର, ପୁରୀ ମୋ: ୭୦୦୮୧୮୮୪୭*

## ପୁସ୍ତକ ସମୀକ୍ଷା

### ଦିବ୍ୟାଲୋକ ସନ୍ଧାନେ

**ଏପ୍ରିଲ - ଜୁନ ୨୦୨୫ ସଂଖ୍ୟା, ମୂଲ୍ୟ -୩୦/-**

**ମୁଖ୍ୟ ସମ୍ପାଦକ - ଡଃ ଶରତ କୁମାର ରଥ,**

**ତେଲେଙ୍ଗାପେଣ୍ଠ, କଟକ।**

ଓଡିଶାର ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ଏପ୍ରିଲ -୨୦୨୫ ସଂଖ୍ୟାରେ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଜଗା କଥା, ଲିଙ୍ଗରାଜ ମହାନ୍ତିଙ୍କ ଧାରାବାହିକ ଭାଗବତ, ରାଜେନ୍ଦ୍ରପ୍ରସାଦ ମହାପାତ୍ରଙ୍କ ଦ୍ୱାରା 'ବିକ୍ରମ ବେତାଳ' କଥାବସ୍ତୁକୁ ଭିନ୍ନ ଢଙ୍ଗରେ ଉପସ୍ଥାପନା ସହିତ ଡଃ ଅଭିମନ୍ୟୁ ବରାଳଙ୍କ ଧାରାବାହିକ ରାମ କଥା, ଅର୍ଜୁନୀ ଚରଣ ବେହେରାଙ୍କ 'ସନିଆଁ ଡକେୟତର କଥା' ଗୀତା ଦାସଙ୍କ ଫେରାଇଦେଲେ ରାଜପଦ



ସହ ମୀରା ବେଉରା, ଡଃ ବିଜୟ କେତନ ପଟ୍ଟନାୟକ, ଡାକ୍ତର ଅରବିନ୍ଦ ନନ୍ଦ, କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ସୁଶ୍ରୀ ଆରତୀ ପଣ୍ଡା ଆଦିଙ୍କ ବହୁ ଉପାଦେୟ ଲେଖା ଚଳିତ ସଂଖ୍ୟାରେ ସ୍ଥାନିତ ହୋଇଛି। ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀଙ୍କ ଦ୍ୱାରା ଲିଖିତ ସମ୍ପାଦକୀୟ 'ସିଂହଦ୍ୱାର' ବି ବେଶ ଚେତନାଉଦ୍ରେକ ହୋଇଛି। ପ୍ରତ୍ୟେକ ଧାର୍ମିକ ବ୍ୟକ୍ତି ଏପରି ଏକ ସର୍ବଧର୍ମ ସମନ୍ୱୟୀ ପତ୍ରିକାଟିକୁ ସଂଗ୍ରହ କରି ରଖିବା ଆବଶ୍ୟକ।


### କନକବିଦ୍ୟା

**ସଂକଳକ- ଶୁଭକାନ୍ତ ପାଢୀ**

**ପ୍ରକାଶକ- ବିଦ୍ୟାକନକ ସୃଜନାନୁଷ୍ଠାନ**

**ଭୁବନେଶ୍ୱର-୭, ମୂଲ୍ୟ- ୫୪୦ଟଙ୍କା**

କନକବିଦ୍ୟା ପୁସ୍ତକ କେତେକ ନାଟକ ବିଷୟରେ ଆଧାରିତ ପ୍ରବନ୍ଧ ସଂକଳନ। ଏହାକୁ ସମ୍ପାଦନା କରିଛନ୍ତି ଶୁଭକାନ୍ତ ପାଢୀ। ତାଙ୍କ ବାପାଙ୍କର ନାଟକ ପ୍ରତି ଦୁର୍ବଳତା ଥିଲା, ଆଉ ସଂକଳକଙ୍କର ମଧ୍ୟ ନାଟକ ପ୍ରତି ଅହେତୁକ ଦୁର୍ବଳତା ରହିଛି। ପୁସ୍ତକରେ ୧୫ଟି ସୁନ୍ଦର ପ୍ରବନ୍ଧ ସଂକଳିତ ହୋଇଛି। ଏଗୁଡିକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ନାଟ୍ୟ ପରମ୍ପରା ଓ ପ୍ରବାହ ଏବଂ ଦ୍ୱିତୀୟଟି ହେଲା ନଟ-ନାଟ୍ୟ-ନାଟ୍ୟମଞ୍ଚ। ଯେଉଁମାନେ ପୁସ୍ତକରେ ଲେଖାଦେଇ ଏହାକୁ ପରିପୁଷ୍ଟ କରିଛନ୍ତି,ସେମାନେ ହେଲେ ମନ୍ମଥ ଶତପଥୀ, ସମର ମୁଦାଲି, ନାରାୟଣ ସାହୁ, ନିବେଦିତା ଜେନା ଓ ଶଙ୍କର ତ୍ରିପାଠୀ ପ୍ରମୁଖ। ପୁସ୍ତକଟି ନାଟକ ଉପରେ ରୁଚି ରଖୁଥିବା ଏବଂ ନାଟ୍ୟ ଗବେଷକଙ୍କ ଲାଗି ଖୁବ୍ ଉପାଦେୟ ହେବ ଏଥିରେ ଦ୍ୱିମତ ନାହିଁ।




### ରକ୍ତଗୋଲାପର ପ୍ରତୀକ୍ଷା

**ବୀରେଶ୍ୱର ମହାନ୍ତି**

**ନବକାକଳି ପ୍ରକାଶନୀ**

**କାଦୁଅପଡା, ଜଗତସିଂହପୁର-୬, ମୂଲ୍ୟ-୨୦୦ଟଙ୍କା**

ପୁସ୍ତକରେ ୨୪ଟି ଗଳ୍ପ ସ୍ଥାନପାଇଛି। ଲେଖକଙ୍କ ସ୍ୱଭାବସୁଲଭ ସହଜ ଭାଷା ଓ ସମସ୍ତ ପରିଚିତ ଥିବା ଭଳି ଚରିତ୍ର ଓ ଏହାର ଚୟନ ଗପଗୁଡିକର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଥମ ଗଳ୍ପ ହେଉଛି ରକ୍ତ ଗୋଲାପର ପ୍ରତୀକ୍ଷା। ଜନ୍ମରୁ ମରଣ ଜୀବନ ଗୋଟିଏ ପ୍ରତୀକ୍ଷାକାଳ। ପ୍ରତିଟି ଗଳ୍ପ ଯଦି ଆରମ୍ଭରୁ ପାଠକ ପାଠିକାଙ୍କୁ ପ୍ରତୀକ୍ଷା କରାଇ ପାରିଲା ତେବେ ତାହା ଏକ ସଫଳ ଗଳ୍ପ। ଉତ୍କଣ୍ଠା ହିଁ ପ୍ରତ୍ୟେକ ଭଲ ଗଳ୍ପର ପ୍ରିୟ ଆତ୍ମିକ। ଗଳ୍ପରେ ଉତ୍କଣ୍ଠା ନ ରହିଲେ ତାହା ମ୍ଳାନ ପଡିଯାଏ। ଭାବ, ଭାଷା ଆଉ ଶୈଳୀ ଗଳ୍ପର ବଡକଥା। ଗାଳ୍ପିକ ମହାନ୍ତିଙ୍କ ଲିଖନ ଶୈଳୀ ବେଶ ଚମତ୍କାର। ଗଳ୍ପଗୁଡିକୁ ପାଠକଲେ ପାଠକ ଚରିତ୍ରମାନଙ୍କ ସହ କଥା ହେବା ପରି ନିଜକୁ ମନେକରେ। ସବୁଠାରୁ ବଡକଥା ହେଲା ପାଠକଟିଏ ଗଳ୍ପ ଭିତରେ ନିଜକୁ ଆବିଷ୍କାର କରେ। ପୁସ୍ତକଟି ନିଶ୍ଚୟ ପାଠକୀୟ ସ୍ୱୀକୃତି ଲାଭ କରିବ ଏଥିରେ ସନ୍ଦେହ ନାହିଁ।



# ସାଇଡ୍ ଫ୍ଲିପ୍ କରୁଥିବା ରୋବୋ

ଯେଉଁ କାମ ବେଳେବେଳେ ମଣିଷ ପକ୍ଷେ କଷ୍ଟକର ହୁଏ ସେ କାମ ଏବେ ରୋବୋ କରିପାରୁଛନ୍ତି । ବିଶ୍ୱାସ ନ ହେଲେ ବି ଏହା ସତ । କାରଣ ରୋବୋଟିକ୍ସ କମ୍ପାନୀ ୟୁନିଟ୍ରି ଆଣିଛି ଜି୧ ନାମକ ଏମିତି ଏକ ହ୍ୟୁମାନୋଏଡ ରୋବୋ, ଯେ କି କଷ୍ଟକର ସାଇଡ୍ ଫ୍ଲିପ୍ କରିପାରେ । ଏହା ପୂର୍ବର ରୋବୋ ୟୁନିଟ୍ରି ଏଚ୍୧ ଠିଆ ହୋଇ ବ୍ୟାକ୍‌ଫ୍ଲିପ କରିପାରୁଥିଲା । ୟୁନିଟ୍ରି ଜି୧ ଦୁଇ ପାଦ ଆଗକୁ ଯାଇ କରୁଛି ସାଇଡ୍ ଫ୍ଲିପ୍ । ସେ ପୁଣି ଚମତ୍କାର ଭାବେ ସନ୍ତୁଳନ ରକ୍ଷା କରି ଓ ସମ୍ପୂର୍ଣ୍ଣ ନିର୍ଭୁଲଭାବେ । ଫୁଲ୍‌ସ୍ପିଡ୍‌ରେ ସାଇଡ ଫ୍ଲିପ୍‌କରି ପ୍ରଥମେ ସେ



ସନ୍ତୁଳନ ରକ୍ଷା କରି ବାମ ଗୋଡରେ ଠିଆ ହୁଏ, ପରେ ଡାହାଣ ଗୋଡ ଭୂମିରେ ଲଗାଏ । ଉକ୍ତ ରୋବୋର ଉଚ୍ଚତା ୪.୩୩ ମିଟର ଓ ଓଜନ ୩୫ କି.ଗ୍ରା. । ଉକ୍ତ ରୋବୋ ଘଣ୍ଟାକୁ ୭.୨ କି.ମି. ବେଗରେ ଚାଲି ପାରେ । ଏଥିରେ ଥ୍ରୀଡି ଲାଇଟ୍ ଡିଟେକ୍ଟିଂ ଆଣ୍ଡ ରେଞ୍ଜିଂ ଆଣ୍ଡ ଡେପ୍‌ଥ କ୍ୟାମେରା ଲାଗିଛି, ଯାହାଦ୍ୱାରା ଚାରିପଟର ୩୬୦°ର ଭ୍ୟୁ ରୋବୋ ଦେଖିପାରେ । କମ୍ପାନୀ ଏବେ ରୋବୋର ଆଲଗୋରିଦମ୍‌କୁ ଅଧିକରୁ ଅଧିକ ଅପଡେଟ୍ କରିବାରେ ଲାଗିଛନ୍ତି । ଯେମିତି କି ଏହି ରୋବୋ ଆହୁରି ଅଧିକ କଷ୍ଟକର ମୁଭ୍‌ମେଣ୍ଟ କରିପାରିବ ।



# ତିନି ସେକେଣ୍ଡରେ ତିନି ଦେଶର ଯାତ୍ରା

ଏଇ ପୃଥିବୀରେ ଏମିତି କିଛି ସ୍ଥାନ ଅଛି, ଯେଉଁଠି ମିଳିଥାଏ କିଛି ଭିନ୍ନ ଅନୁଭୂତି । ଆଜି ସେମିତି ଏକ ସ୍ଥାନ ସମ୍ପର୍କରେ କହିବୁ, ଯେଉଁଠି ଆପଣ ୩ ସେକେଣ୍ଡରେ ତିନୋଟି ଦେଶର ଯାତ୍ରା କରିପାରିବେ ।

ଭାବୁଥିବେ ଏହା କେମିତି ସମ୍ଭବ ? ହେଲେ ଏହା ସମ୍ଭବ । ଆଉ ଏହି ସ୍ଥାନଟି ଅଛି ମଧ୍ୟ ୟୁରୋପରେ, ଯେଉଁଠି ଅଛି ଏକ ତିନିକୋଣିଆ ଟେବୁଲ ଓ ତା'ପାଖରେ ପଡ଼ିଥିବା ତିନିଟି ବେଞ୍ଚ । ପ୍ରକୃତ କଥା ହେଉଛି ଉକ୍ତ ଟେବୁଲଟି ଅଛି ତିନିଟି ଦେଶର ମିଳନ ସ୍ଥଳରେ । ସେହି ଦେଶଗୁଡ଼ିକ ହେଉଛି ଅଷ୍ଟ୍ରିଆ, ସ୍ଲୋଭାକିଆ ଓ ହଙ୍ଗେରୀ । ତେଣୁ ଏହାର ତିନିପଟରେ ଥିବା ବେଞ୍ଚ ଉପରେ ଥରେ ଥରେ ବସି ପଡ଼ିଲେ ତିନି ଦେଶର ସୀମାକୁ ଛୁଇଁ ହେଇଯିବ । ସାଧାରଣତଃ ସୀମାଗୁଡ଼ିକରେ କଣ୍ଟା ତାରର ବାଡ଼ ହୋଇଥାଏ । ହେଲେ ଏଠି ସେମିତି ବାଡ ନାହିଁ ବରଂ ତିନି ଦେଶର ସୀମା ଯେଉଁଠି ମିଶୁଛି ସେଠି ଅଛି ଏହି ତିନିକୋଣିଆ ଟେବୁଲ, ଯାହାକି ତିନି ଦେଶକୁ ଯୋଡିଥାଏ । ଏଠି ଶାନ୍ତି ଅଛି ନାହିଁ ସୀମାକୁ ନେଇ କୌଣସି ବିବାଦ । ତେଣୁ ଆରାମରେ ଏକାଥରେ ତିନି ଦେଶରେ ବସି ଚା' ପିଇ ପାରିବେ, ଲଞ୍ଚ ବି କରିପାରିବେ ।







# ଭାଇରସ୍ ସଂକ୍ରମଣରୁ ବଞ୍ଚାଇବ ଚୁଇଂ ଗମ୍

କିଛି ଗବେଷଣା କହେ ଚୁଇଂ ଗମ୍ ଅଧିକ ଚୋବାଇବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ହେଲେ ଏବେ ଏମିତି ଚୁଇଂ ଗମ୍ ତିଆରି କରାଯାଇଛି, ଯାହାକୁ ଚୋବାଇଲେ କିଛି ଭାଇରସ୍‌ରୁ ମୁକ୍ତି ମିଳିବ । ଆମେରିକା, ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଟିମ୍ ଏକ ବିଶେଷ ପ୍ରକାରର ଆଣ୍ଟିଭାଇରାଲ ଚୁଇଂ ଗମ୍ ତିଆରି କରିଛନ୍ତି, ଯାହାକୁ ଚୋବାଇଲେ ହର୍ପିଜ ଓ ଫ୍ଲୁର ଭାଇରସ୍ ଦୂରରେ ରହିବ । ଅର୍ଥାତ୍ ଏହାକୁ ଚୋବାଇଲେ ୯୫% ପର୍ଯ୍ୟନ୍ତ ଭାଇରାଲ ସଂକ୍ରମଣର ଆଶଙ୍କା କମିଯିବ । ଇନଫ୍ଲୁଏଞ୍ଜା ଓ ହର୍ପିଜ ଭାଇରସ୍ ଯୋଗୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ହୋଇଥାନ୍ତି । କିଛି ଗଣନା କହେ, ବିଶ୍ୱ ସ୍ତରରେ ମୌସୁମୀ ଇନ୍‌ଫ୍ଲୁଏଞ୍ଜା ବା ବର୍ଷାଦିନିଆ ଥଣ୍ଡା ଜ୍ୱରରେ ପ୍ରତିବର୍ଷ ପ୍ରାୟ ୧୦ କୋଟି ଲୋକଙ୍କୁ ସଂକ୍ରମିତ ହୋଇଥାନ୍ତି । ଏମିତିକି ଏହା ଯୋଗୁ ପ୍ରାୟ ୬.୫୦ ଲକ୍ଷ ଲୋକ ଶ୍ୱାସ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ୬୫ ବର୍ଷ ବୟସର ଲୋକ ଏହି ଫ୍ଲୁରେ ଗଭୀରଭାବେ ସଂକ୍ରମିତ ହୋଇ ବେଳେବେଳେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ । ସେହିଭଳି ହର୍ପିଜରେ ମଧ୍ୟ ଲକ୍ଷ ଲକ୍ଷ ଲୋକ ପ୍ରତିବର୍ଷ ସଂକ୍ରମିତ ହୁଅନ୍ତି । ଏବେ କିନ୍ତୁ ଏହିଭଳି ସଂକ୍ରମଣକୁ ନେଇ ବିଶେଷ ଚିନ୍ତା କରିବାର ନାହିଁ । କାରଣ ଆମେରିକା, ପେନ୍‌ସିଲଭାନିଆ ବିଶେଷଜ୍ଞଙ୍କ ଦ୍ୱାରା ତିଆରି ଏହି ଚୁଇଂ ଗମ୍ ହର୍ପିଜ ଓ ଫ୍ଲୁ ଭାଇରସ୍‌ର ସଂକ୍ରମଣକୁ କମ୍ କରିବ ।